**୫ ଆକ୍ରାନ୍ତ, ୯ ସୁସ୍ଥ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୯ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ, ପରଜଙ୍ଗ ବ୍ଲକ, କଙ୍କଡ଼ାହାଡ଼ ବ୍ଲକ, କାମାକ୍ଷାନଗର ଏନ୍ଏସିରୁ ଜଣେ ଲେଖାଏଁ ରହିଛନ୍ତି। ଅନ୍ୟ ଜଣେ ଆକ୍ରାନ୍ତ ଚିକିତ୍ସାଳୟରୁ ଚିହ୍ନଟ ହୋଇଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭୨ ଥିବାବେଳେ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ସ୍ୱାବଲମ୍ବୀ କରିବ ଗୋପାଳନ

**ଢେଙ୍କାନାଳ ଅଫିସ, ୧୭।୯:** ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅଞ୍ଚଳର ମହିଳାଙ୍କୁ ନେଇ ଗୋପାଳନ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୧୦ ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ଦେଓଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମହିଳାମାନେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଏଲ୍‌ଡିଏମ୍ ସନୋଜ ସିଂ, ଅନୁଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ, ପ୍ରଶିକ୍ଷକ ସୁଚିତ୍ରା ଗଡ଼ନାୟକ, ପ୍ରଣବ ରଞ୍ଜନ ମିଶ୍ର, ୟୁକୋ ବ୍ୟାଙ୍କ ଶାଖାର ଆଞ୍ଚଳିକ ମ୍ୟାନେଜର ତ୍ରିଲୋଚନ ମଲ୍ଲିକ, ସରପଞ୍ଚ ସାଗରିକା ସାହୁ, ଏମ୍‌ବିକେ ସୁରମା ମହାପାତ୍ର, ସତ୍ୟମ୍ ଶିବମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳନ ତାଲିମ ମହିଳାଙ୍କୁ ସ୍ୱାବଲମ୍ବୀ କରିବ। ପ୍ରଶିକ୍ଷଣ ନେବା ପରେ ସେମାନେ ବ୍ୟାଙ୍କ ସହାୟତାରେ ରୋଜଗାରକ୍ଷମ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ବିଶ୍ୱକର୍ମା ପୂଜା ପାଳିତ

**ଢେଙ୍କାନାଳ ଅଫିସ, ୧୭।୯:** ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନଠାରେ ଶୁକ୍ରବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ହୋମଯଜ୍ଞ ପରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ପ୍ରସାଦ ବଣ୍ଟନ କରାଯାଇଥିଲା। ସଂଘର ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅଥୟ ସାହୁ, ଅରବିନ୍ଦ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ଗଙ୍ଗାଧର ରାଉତ, ସନ୍ତୋଷ ଶତପଥୀ, ଅମନ ଆୟୁଷ୍ମାନ ଦାସ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ମାନସ ତ୍ରିପାଠୀ, ନାରାୟଣ ପଟ୍ଟନାୟକ, ସ୍ନେହପ୍ରଭା ସେଠୀ, ଦୁଷ୍ମନ୍ତ ବରାଳ, ଶୁଭନାରାୟଣ ସାହୁ, ଦୀପକ ମିଶ୍ର, ସୌମ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ସଫ୍ଟବଲ୍ ଉପକନିଷ୍ଠ ପ୍ରତିଯୋଗିତାରେ ଅମିୟ ଚାନ୍ଦ ଘୋଷକ



**ଢେଙ୍କାନାଳ ଅଫିସ, ୧୭।୯:** ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ୍ ଦ୍ୱାରା ଚଳିତ ମାସ ୧୯ରୁ ୨୩ ତାରିଖ ଯାଏ କଟକର ସତ୍ୟବ୍ରତ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହେବ ୩୩ତମ ଜାତୀୟ ଉପକନିଷ୍ଠ ପ୍ରତିଯୋଗିତା। ଏଥିରେ ଘୋଷକ ଭାବେ ଓଡ଼ିଶାର ବରିଷ୍ଠ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମିୟ ଚାନ୍ଦ ମନୋନୀତ ହୋଇଛନ୍ତି। ୫ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୮ ରାଜ୍ୟର ପ୍ରତିଯୋଗୀ ଭାଗନେବେ। କାର୍ଯ୍ୟକ୍ରମ ଘୋଷଣା ସାଙ୍ଗକୁ ଘୋଷକ ଭାବେ ଅମିୟ କାର୍ଯ୍ୟନିର୍ବାହ କରିବେ ବୋଲି ଜଣାପଡ଼ିଛି।

### ଚୋରି ଅଭିଯୁକ୍ତଙ୍କୁ ବାନ୍ଧି ପୋଲିସ ଜିମା



**ହିନ୍ଦୋଳ, ୧୭।୯(ଡି.ଏନ୍.ଏ.):** ଚୋରି କରିବା ଉଦ୍ଦେଶ୍ୟରେ ବିଳମ୍ବିତ ରାତିରେ ଘରେ ପଶିଥିଲେ। ହେଲେ ଚୋରି ତ କରିପାରିଲେନି ଓଲଟି ଘରଲୋକଙ୍କ ହାତରେ ଧରାପଡ଼ି ନିସ୍ତୁକ ଛେଚା ଖାଇ ଜେଲ ହାଜତକୁ ଗଲେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ବାଉଁଶପୋଖରୀ ଗ୍ରାମରେ। ଅଭିଯୁକ୍ତ ହେଉଛନ୍ତି ସୁନୀଲ ମହାପାତ୍ର (୪୦)। ନିରୁପମା ରାଉତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ସୁନୀଲ କିଛିଦିନ ହେଲା ପରିବାର ସହ ଗ୍ରାମରେ ଭଡ଼ାରେ ରହୁଛନ୍ତି। ନିରୁପମାଙ୍କ ପରିବାର ସଦସ୍ୟ ଶୋଇଥିବା ବେଳେ ରାତ୍ରି ପ୍ରାୟ ୨ଟା ବେଳେ ସୁନୀଲ ଚୋରି କରିବା ଉଦ୍ଦେଶ୍ୟରେ ଘରେ ପଶିଥିଲେ। ଶବ୍ଦ ହେବାରୁ ନିରୁପମାଙ୍କ ପୁଅ ମନୋରଞ୍ଜନ ଉଠି ପଡ଼ିଥିଲେ। ସୁନୀଲ କବାଟ ତାଡୁଥିବାବେଳେ ତାଙ୍କୁ କାବୁ କରି ଦଉଡ଼ିରେ ବାନ୍ଧି ଦେଇଥିଲେ। ଶୁକ୍ରବାର ସକାଳେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ହେପାଜତକୁ ନେଇଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

# ଅନାସ୍ଥାରେ ପଦ ହରାଇଲେ ଅଧ୍ୟକ୍ଷା




ଅନାସ୍ଥା ଫଳାଫଳ ଘୋଷଣା ଅବସରରେ ଉପସ୍ଥିତ କାଉନ୍‌ସିଲରମାନେ।

**ହିନ୍ଦୋଳ ଏନ୍ଏସି**
- ୧୦ ମାସ ପରେ ପ୍ରକାଶ ପାଇଲା ଫଳାଫଳ
- ଦାୟିତ୍ୱ ସମ୍ଭାଳିବେ ଉପାଧ୍ୟକ୍ଷ

**ହିନ୍ଦୋଳ, ୧୭।୯(ଡି.ଏନ୍.ଏ.)**

ଅନାସ୍ଥା ଭୋଟରେ ପରାଜିତ ହୋଇଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷା ରୀନା ବେହେରା। ସମସ୍ତ ୧୨ ଭୋଟ ତାଙ୍କ ବିପକ୍ଷରେ ଯାଇଛି। ଦୀର୍ଘ ୧୦ ମାସ ବ୍ୟବଧାନ ପରେ ଫଳାଫଳ ପ୍ରକାଶ ପାଇଥିବାବେଳେ ହିନ୍ଦୋଳ ରାଜନୀତିରେ ଆରମ୍ଭ ହୋଇଛି ନୂତନ ସମୀକରଣ। ଅନ୍ୟପଟେ ଦଳୀୟ କାଉନ୍‌ସିଲରଙ୍କ ଅନାସ୍ଥାରେ ଅଧ୍ୟକ୍ଷାଙ୍କ ପଦ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଉଠିଯିବାପରେ ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଫଳାଫଳ ଘୋଷଣାର ବାଟ ଖୋଲିଥିଲା। ତଦନୁଯାୟୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତହସିଲ କାର୍ଯ୍ୟାଳୟରେ ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବନ୍ଦ ଭୋଟ ବାକ୍ସ ଖୋଲାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ଅଧ୍ୟକ୍ଷାଙ୍କ ସମେତ ଏନ୍ଏସିର ସମସ୍ତ ୧୬ କାଉନ୍‌ସିଲର ଉପସ୍ଥିତ ଥିଲେ। ୧୨ ବିଦ୍ରୋହୀ କାଉନ୍‌ସିଲର ଅନାସ୍ଥା ଆଣିଥିବାବେଳେ ସମସ୍ତ ଭୋଟ କାଏମ ରହିଥିଲା। ଉପାଧ୍ୟକ୍ଷ ଟିମା ବେହେରା ମଧ୍ୟବର୍ତ୍ତିକାଳୀନ ଅଧ୍ୟକ୍ଷ ପଦ ସମ୍ଭାଳିବେ। ୬ ମାସ ମଧ୍ୟରେ ପୁନର୍ବାର ଅଧ୍ୟକ୍ଷ ନିର୍ବାଚନ ହେବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୮ରେ ଅନୁଷ୍ଠିତ ହିନ୍ଦୋଳ ଏନ୍ଏସି ନିର୍ବାଚନରେ ବିଜେଡିର ୧୩, ଭାଜପାର ୧ ଏବଂ ସ୍ୱାଧୀନ ଭାବେ ୨ କାଉନ୍‌ସିଲର ନିର୍ବାଚିତ ହୋଇଥିଲେ। କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ସର୍ବସମ୍ମତିକ୍ରମେ ୫ନଂ. ୱାର୍ଡର କାଉନସିଲର ରୀନା ବେହେରା ଅଧ୍ୟକ୍ଷା ହୋଇଥିଲେ। ହେଲେ ଅଧ୍ୟକ୍ଷାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ୧୧ ଦଳୀୟ କାଉନ୍‌ସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ୨୦୨୦ ନଭେମ୍ବରରେ ଅନାସ୍ଥା ଆଣିଥିଲେ। ଏହାପରେ ଅଧ୍ୟକ୍ଷା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବାବେଳେ ଉଚ୍ଚ ନ୍ୟାୟାଳୟ ଫଳାଫଳ ଘୋଷଣା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ନଭେମ୍ବର ୨୦ରେ ଏନ୍ଏସି କାର୍ଯ୍ୟାଳୟରେ ଅନାସ୍ଥା ଭୋଟ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଫଳ ଘୋଷଣା ହୋଇ ନ ଥିଲା।

## ଫାର୍ମାସିଷ୍ଟଙ୍କ ଡେପୁଟେଶନକୁ ବିରୋଧ

- ଅଞ୍ଚଳବାସୀଙ୍କ ମଧ୍ୟରେ ତେଜିଲା ଅସନ୍ତୋଷ
- ପରିଦର୍ଶନରେ ଆସିଥିବା ୩ ଅଧିକାରୀ ଅଟକ

**ଭୁବନ, ୧୭।୯(ଡି.ଏନ୍.ଏ.)**

ଫାର୍ମାସିଷ୍ଟଙ୍କ ଡେପୁଟେଶନକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓଡ଼ିଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଉତ୍ତେଜନା ସୃଷ୍ଟି ହୋଇଛି। ତୁରନ୍ତ ଫାର୍ମାସିଷ୍ଟଙ୍କୁ ଡେପୁଟେଶନରୁ ଫେରାଇ ଆଣିବାକୁ ଅଞ୍ଚଳବାସୀ ଦାବି କରି ଡାକ୍ତରଖାନା ପରିସରରେ ହୋହାଲ୍ଲା କରିଥିଲେ। ଏହି ସମୟରେ ଡାକ୍ତରଖାନା ପରିଦର୍ଶନରେ ଆସିଥିବା ୩ ଅଧିକାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ୪ଘଣ୍ଟା ଧରି ଅଟକ ରଖିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ଓଡ଼ିଶ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଦୀପ୍ତିରଞ୍ଜନ ମଲ୍ଲିକଙ୍କୁ ୧୫ଦିନିଆ ଡେପୁଟେଶନରେ ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା। ସେମାନେ ଫାର୍ମାସିଷ୍ଟଙ୍କୁ ଫେରାଇ ଆଣିବାକୁ ଦାବି କରି ଡାକ୍ତରଖାନା ଆଗରେ ପାଟିତୁଣ୍ଡ କରିଥିଲେ। ଏହି ସମୟରେ କୋଭିଡ୍-୧୯ ଟିକା ପରିଚାଳନା କରିବାକୁ ଆସିଥିବା ବ୍ଲକ ଆକାଉଣ୍ଟସ୍ ମ୍ୟାନେଜର ଲକ୍ଷ୍ମୀଧର ସାହୁ, ପ୍ରୋଗ୍ରାମ ମ୍ୟାନେଜର ମମତା ସାହୁ, ସାଧାରଣ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାନସ ରଞ୍ଜନ ମିଶ୍ର ଏବଂ ଗାଡ଼ି ଚାଳକ ଗତିକୃଷ୍ଣ ଖୁଣ୍ଟିଆଙ୍କୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଯାଏ ଅଟକ ରଖିଥିଲେ। ଭୁବନ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା।

ସମସ୍ୟା ସମ୍ପର୍କରେ ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଭାଗବତ ମାଝିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ବନ୍ଦ ରହିଥିଲା।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

# ସିଜ୍ ମଦ ବିକିଦେଲେ

- ମୋଟ ମୂଲ୍ୟ ୬୬ଲକ୍ଷ ୭୨ହଜାର ଟଙ୍କା
- ଧରାପଡ଼ି ବନ୍ଧା ହେଲେ ୨ କର୍ମଚାରୀ
- ବଟଲିଂ ପ୍ଲାଣ୍ଟ ମାଲିକ ଫେରାର
- ପୋଲିସ, ଅବକାରୀ ବିଭାଗର ତଦନ୍ତ

**କାମାକ୍ଷାନଗର, ୧୭।୯(ଡି.ଏନ୍.ଏ.)**



ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତ ମାଛିଆ ଗ୍ରାମସ୍ଥିତ ଶକ୍ତି ମଲ୍‌ଟ୍ୟାର ଏବଂ ଲେମନେଡ୍ ବିଦେଶୀ ମଦ ବଟଲିଂ ପ୍ଲାଣ୍ଟରୁ ବେଆଇନ ଭାବେ ବିପୁଳ ପରିମାଣର ମଦ ଚୋରି ହୋଇଛି। ଜିଲା ଅବକାରୀ ଅଧୀକ୍ଷକ ଡୁମୁସିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ପ୍ଲାଣ୍ଟର ସାଧାରଣ ପରିଚାଳକ ସତୀଶ ଚନ୍ଦ୍ର ଚୌଧୁରୀ ଏବଂ ଇନଚାର୍ଜ ଲକ୍ଷ୍ମୀକାନ୍ତ ସାହୁଙ୍କୁ ଗିରଫ କରିଛି। କମ୍ପାନୀ ମୁଖ୍ୟ ବିକ୍ରମ କୁମାର ସାହୁ ଫେରାର ଅଛନ୍ତି। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଖୋଳତାଡ଼ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବଟଲିଂ ପ୍ଲାଣ୍ଟରୁ ମଦ ନେଉଥିବା ଏକ କମ୍ପାନୀ ୨୦୧୬ରେ ହଠାତ୍ କାରବାର ବନ୍ଦ କରିଦେଇଥିଲା। ଫଳରେ ସେହି ସମୟରେ ୭୫୦ ମିଲିଲିଟର ବୋତଲ ବିଶିଷ୍ଟ ବିଭିନ୍ନ ବ୍ରାଣ୍ଡର ୧୪୦୦ ପେଟି ମଦ ବିକ୍ରି ହୋଇପାରି ନ ଥିଲା। ୨୦୧୬ରୁ ଉକ୍ତ ମଦକୁ ସିଜ୍ କରି ରଖାଯାଇଥିଲା। ତେବେ ତଦନ୍ତ ବେଳେ ଗୋଦାମରେ ମଦ ନ ଥିବା ଜଣାପଡ଼ିଥିଲା। କମ୍ପାନୀ କର୍ତ୍ତୃପକ୍ଷ ସେହି ମଦକୁ ଅନ୍ୟତ୍ର ବିକ୍ରି କରିଦେଇଥିବା ଅନୁମାନ କରାଯାଇଥିଲା। ମଦର ମୂଲ୍ୟ ୬୬ଲକ୍ଷ ୭୨ହଜାର ୯୦୦ ଟଙ୍କା ହୋଇଥିବାବେଳେ ସରକାର ବିପୁଳ ରାଜସ୍ୱ ହରାଇଥିଲେ। ଉଲ୍ଲେଖଯୋଗ୍ୟ, ଗୋଦାମ ସିଜ୍ ପରେ ଗୋଟିଏ ଚାବି କମ୍ପାନୀ ଏବଂ ଅନ୍ୟ ଏକ ଚାବି ଅବକାରୀ ବିଭାଗ ହାତରେ ଥିଲା। ପ୍ରତି ମାସରେ ଦାୟିତ୍ୱଧାରୀ କର୍ମଚାରୀ, ଅବକାରୀ ଅଧୀକ୍ଷକ ଏବଂ ମଦ ନିର୍ମାଣକାରୀ ସଂସ୍ଥାର ଦସ୍ତଖତ ଥିବା ରିପୋର୍ଟ ସରକାରଙ୍କ ପାଖକୁ ଯାଇଥାଏ। ହେଲେ କେଉଁ ଉପାୟରେ ମଦ ବିକ୍ରି କରାଗଲା, ତାହା ସନ୍ଦେହ ସୃଷ୍ଟି କରିଛି। ଏହାର ସତ୍ୟାସତ୍ୟ ଜାଣିବାକୁ ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପଟେ କମ୍ପାନୀର ମୁଖ୍ୟ ବିକ୍ରମ ଫେରାର ଅଛନ୍ତି ନା ତାଙ୍କୁ ବିଭାଗୀୟ ଅଧିକାରୀ ଜାଣିଶୁଣି ଘଣ୍ଟ ଘୋଡ଼ାଇ ରଖିଛନ୍ତି, ତାହା ଏବେ ଆଲୋଚନାରେ ବିଷୟ ପାଲଟିଛି।

ଏ ସଂକ୍ରାନ୍ତରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ କହିଛନ୍ତି, ଲକ୍‌ଡାଉନ ସମୟରେ ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ଅଭିଯୁକ୍ତ ବିକ୍ରମ ଗିରଫ ହୋଇଥିଲେ। ସେ କର୍ମଚାରୀଙ୍କୁ ହାତ କରି ମଦ ବିକ୍ରି କରିଦେଇଥିବା ସନ୍ଦେହ କରାଯାଉଛି। ବିଭାଗୀୟ ଅଧିକାରୀ କାର୍ଯ୍ୟବ୍ୟସ୍ତ ରହୁଥିବାରୁ ବିଶ୍ୱାସରେ ଷ୍ଟୋର ଚାବିକୁ ସଂସ୍ଥାକୁ ଦିଆଯାଇଥାଏ। ପ୍ଲାଣ୍ଟ ମାଲିକ ଏହାର ସୁଯୋଗ ନେଇଛନ୍ତି ନା ଅବକାରୀ ବିଭାଗ ସହଯୋଗରେ ମଦ ବିକ୍ରି କରିଛନ୍ତି, ତାହା ତଦନ୍ତରୁ ଜଣାପଡ଼ିବ ବୋଲି ଏସ୍‌ଡିପିଓ କହିଛନ୍ତି। ଶୁକ୍ରବାର ବଟଲିଂ ପ୍ଲାଣ୍ଟର କାର୍ଯ୍ୟାଳୟରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ଡେପୁଟି ଅଧୀକ୍ଷକ ସୀତାରାଣୀ ପଟାୟତ, ଏସ୍‌ଡିପିଓ ପ୍ରମୁଖ ଦିନତମାମ ଚଢ଼ାଉ କରିବା ସହ ସିସିଟିଭି ଯାଞ୍ଚ କରିଥିଲେ।

## ପୋଷଣ ବାଟିକା ମହାଭିଯାନ

**ଢେଙ୍କାନାଳ ଅଫିସ, ୧୭।୯**

ଢେଙ୍କାନାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ପୋଷଣ ବାଟିକା ମହାଭିଯାନର ଶୁଭାରମ୍ଭ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ର ଓ ଇଫ୍‌କୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଅନଲାଇନ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ୭୦ ଜଣ କୃଷକ, ମହିଳା କୃଷିଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ, କୃଷି ସଚିବଙ୍କ ସମେତ ଅନ୍ୟ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧନ କରିଥିଲେ। ଏହି ଅବସରରେ ପୋଷଣ ଶସ୍ୟ, ପୋଷଣ ବାଟିକା ଉପରେ ସଚେତନ କରାଯିବା ସହ ଇଫ୍‌କୋ ପକ୍ଷରୁ ଫଳଚାରା, ପରିବା ବିହନ ବିତରଣ କରାଯାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ସହଯୋଗୀ ଗବେଷକ, ଜିଲା ମୁଖ୍ୟ କୃଷି ଅଧିକାରୀ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଇଫ୍‌କୋ କ୍ଷେତ୍ର ଅଧିକାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ।

## ସୁନିଆରେ ମାଟି ଅନୁକୂଳ

**ଢେଙ୍କାନାଳ ଅଫିସ, ୧୭।୯**

ପବିତ୍ର ସୁନିଆ ଅବସରରେ ଶୁକ୍ରବାର ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ଅଧିକାଂଶ ପୂଜା ପ୍ରତିଷ୍ଠାନ ମାଟି ଅନୁକୂଳ କରିଛନ୍ତି। ପୂର୍ବାହ୍ନରେ ମହାବୀର ବଜାର, ଲକ୍ଷ୍ମୀବଜାର, କାଞ୍ଚନ ବଜାର, ବସ୍‌ଷ୍ଟାଣ୍ଡ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ବ୍ରାହ୍ମଣୀ ନଦୀ କୂଳରେ ପୂଜାର୍ଚ୍ଚନା କରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଆଣିଥିଲେ। ସେହିପରି ବାଜିଚୌକ ପୂଜା ପ୍ରତିଷ୍ଠାନ ସୁଆଗୀ ନାଳରୁ, ଜୁବିଲି ଟାଉନ୍-୧ ପୂଜା କମିଟି ଯାଉଁଳି ପୋଖରୀରୁ, ଗୁଡ଼ିଆନାଳୀ ପୂଜା ପ୍ରତିଷ୍ଠାନ କୁଞ୍ଜକାନ୍ତ ପୋଖରୀରୁ ମାଟି ଅନୁକୂଳ କରିଛନ୍ତି। ମାଟି ଅନୁକୂଳ ପରେ ପୂଜା ପ୍ରତିଷ୍ଠାନର ସଦସ୍ୟମାନେ ଶୋଭାଯାତ୍ରାରେ ନିଜ ନିଜ ମଣ୍ଡପକୁ ଫେରିଥିଲେ। ସୂଚନାଯୋଗ୍ୟ, ରାଧାଷ୍ଟମୀରେ ମିନାବଜାର ଓ ଗଣେଶ ବଜାର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରିସାରିଛନ୍ତି। ଅବଶିଷ୍ଟ ପୂଜା ପ୍ରତିଷ୍ଠାନ ଶନିବାର ମାଟି ଆଣିବେ ବୋଲି ଜଣାପଡ଼ିଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ଆବଦ୍ଧ ମଣ୍ଡପରେ ମା'ଙ୍କ ଆରାଧନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ସ୍ୱାଭାବିକ ଉଚ୍ଚତାରେ ମୂର୍ତ୍ତି ନିର୍ମାଣ କରିବାକୁ ମିଳିତ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଢେଙ୍କାନାଳର ପରମ୍ପରା, ସଂସ୍କୃତିର ସୁରକ୍ଷା ଲାଗି ପ୍ରଶାସନ ଏହାକୁ ଗୁରୁତ୍ୱର ସହ ବିଚାର କରୁ ବୋଲି ପୂଜା ପ୍ରତିଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।



ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

# 'ଯୋଜନାର ସଫଳ ରୂପାୟନ କର'

## ଗସ୍ତ ସାରି ଫେରିଲେ ଆକାଂକ୍ଷା ଜିଲା ପ୍ରଭାରୀ




ସମୀକ୍ଷା ବୈଠକରେ ସଚିବ, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୭।୯**

ଏସ୍‌ସି/ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଢେଙ୍କାନାଳ ଆକାଂକ୍ଷା ଜିଲା ପ୍ରଭାରୀ ରଞ୍ଜନା ଚୋପ୍ରା ୨ଦିନିଆ ଢେଙ୍କାନାଳ ଜିଲା ଗସ୍ତ ସାରି ଶୁକ୍ରବାର ଫେରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସେ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଭିନ୍ନ ଯୋଜନାର ସୁଫଳ ଯେପରି ଜିଲାବାସୀ ପାଇପାରିବେ, ସେଥିପ୍ରତି ଯତ୍ନବାନ ହେବାକୁ ସଚିବ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟରକ୍ଷା, ଶିଶୁଙ୍କ ପୁଷ୍ଟିସାଧନ, ଶିକ୍ଷା ଭିତ୍ତିଭୂମୀ ସୁଦୃଢ଼ୀକରଣ, ଗୁଣାତ୍ମକ ବିକାଶ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ଉନ୍ନତୀକରଣ, କୃଷି ଉତ୍ପାଦନ ବୃଦ୍ଧି, ଦକ୍ଷତା ବିକାଶ, ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ଆଦି ବିଷୟରେ ଆଲୋଚନା ହୋଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ଯୋଜନାଗୁଡ଼ିକ ସମ୍ପର୍କରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଶୁକ୍ରବାର ପ୍ରମୁଖ ଶାସନ ସଚିବ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ସଦର ବ୍ଲକ ବୋରାପଦା ଅଙ୍ଗନୱାଡି କେନ୍ଦ୍ର, ପରିବା ମଣ୍ଡି, ଢେଙ୍କାନାଳ ୟୁକୋ ବ୍ୟାଙ୍କ, ଜିଲା ଚିକିତ୍ସାଳୟ, ମଙ୍ଗଳପୁରସ୍ଥିତ ଛତୁଆ କେନ୍ଦ୍ର, କାକୁଡିଭାଗରେ ମାଛଚାଷ ଓ କାଜୁଚାଷ, ରଥପଦାସ୍ଥିତ କାଜୁ ପ୍ରକ୍ରିୟାକରଣ କେନ୍ଦ୍ର, ହିନ୍ଦୋଳ ବ୍ଲକ ରାସୋଳ ଚିକିତ୍ସାଳୟ ଓ ହାଇସ୍କୁଲ ଆଦି ପରିଦର୍ଶନ କରିଥିଲେ। ସେହିପରି ଗୁରୁବାର କାମାକ୍ଷାନଗର ବ୍ଲକର କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ସ୍ମାର୍ଟକ୍ଲାସ ଓ ପାଠାଗାର, ଡୁମୁସିଙ୍ଗା ପଞ୍ଚାୟତର ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ର, ଆଲୁଅଝରଣ ସେବାଶ୍ରମ ପରିଦର୍ଶନ କରି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲାପାଳଙ୍କ ସମେତ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଯୋଜନା ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ନବୀକରଣ କାର୍ଯ୍ୟକୁ ପ୍ରଶଂସା

**ରାସୋଳ, ୧୭।୯(ଡି.ଏନ୍.ଏ.)**

ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସିଥିବା ଅନୁସୂଚିତ ଜାତି/ଜନଜାତି ଏବଂ ସଂଖ୍ୟାଲଘୁ ବିଭାଗ କମିଶନର ରଞ୍ଜନା ଚୋପ୍ରା ଶୁକ୍ରବାର ହିନ୍ଦୋଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାସୋଳ ଡାକ୍ତରଖାନାର ସୌନ୍ଦର୍ଯ୍ୟକରଣ, ଟିକାକରଣ କାର୍ଯ୍ୟ, ହାଇସ୍କୁଲ ନବୀକରଣ କାର୍ଯ୍ୟ ଦେଖି ସଚିବ ପ୍ରଶଂସା କରିଛନ୍ତି।

ସଚିବ ଚୋପ୍ରା, ଜିଲାପାଳ ସରୋଜ ସେଠୀ ପୂର୍ବାହ୍ନରେ ରାସୋଳରେ ପହଞ୍ଚିବା ପରେ ରାସୋଳ ବିକାଶ ପରିଷଦ ସଭାପତି ତଥା ପୂର୍ବତନ ବିଧାୟକ ମହେଶ୍ୱର ନାୟକ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ସଚିବ ତେଲିଭୂଇଁଠାରେ ବସୁନ୍ଧରା ଯୋଜନାରେ ନିର୍ମିତ ଜଳଯୋଗାଣ ପ୍ରକଳ୍ପ, ନାଉକିଆରୀରେ ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ଧୂପକାଠି ପ୍ରସ୍ତୁତ କମ୍ପାନୀ ପରିଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଉପସ୍ଥିତ ଥିଲେ। ଏହାପରେ ରାସୋଳ ହାଇସ୍କୁଲରେ '୫-ଟି'ରେ କରାଯାଇଥିବା ନବୀକରଣ କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣ ଦେଖିଥିଲେ। ଡାକ୍ତରଖାନାରେ ଡାକ୍ତର ଦୟାନିଧି ପୁଷ୍ଟିଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କମିଶନର ଚୋପ୍ରା ଢେଙ୍କାନାଳ ଜିଲାର ଜିଲାପାଳ ଥିବା ସମୟର ଅନୁଭୂତି ବାଣ୍ଟିଥିଲେ। ଉପଜିଲାପାଳ ଉଦୟ କୁମାର ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡିଓ କ୍ଷୀରାବ୍ଧୀ ତନୟାଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରୁ ଓହରିଲା ଅଷ୍ଟ୍ରେଲିଆ

**ଭାରତରେ କୋଭିଡ୍-୧୯ ପ୍ରଭାବ**



**ସିଡନୀ,୧୭।୯(ପି.ଟି.):** କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଭାରତରେ ଆୟୋଜନ ହେବାକୁ ଥିବା ଜୁନିୟର ହକି ବିଶ୍ୱକପ୍ ସମେତ ବିଭିନ୍ନ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ଶେଷ ଆଡକୁ ଜୁନିୟର ହକି ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ନେଇ ସରକାରଙ୍କ ବିଭିନ୍ନ ଭ୍ରମଣଜନିତ କଟକଟଣାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏହି ନିଷ୍ପତ୍ତି ନେଇଛି ବୋଲି କହିଛି।

ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆଗାମୀ ନଭେମ୍ବର- ଡିସେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବିଶ୍ୱକପ୍‌ର ଭେନ୍ୟୁ ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସେହିପରି ଆସନ୍ତା ମାସରେ ପ୍ରୋ ଲିଗ୍‌ର ତୃତୀୟ ସେସନ ମଧ୍ୟ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟରୁ ମଧ୍ୟ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଓହରିଯାଇଛନ୍ତି। ଏଫ୍ଆଇଏଚ୍ ପ୍ରୋ ଲିଗ୍ ଅକ୍ଟୋବରରେ ଖେଳାଯିବ। କୋଭିଡ୍ ସ୍ଥିତି ଓ ଦୁଇ ଦେଶରେ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଏଥିରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ ନାହିଁ ବୋଲି ହକି ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି। ପୁଣି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଡ଼ା କ୍ୱାରାଣ୍ଟାଇନ ନିୟମ ଲାଗୁ ରହିଥିବାରୁ ସେଠାରେ ଅନ୍ୟ ଦେଶମାନେ ଖେଳିବା କଷ୍ଟକର ବୋଲି କୁହାଯାଇଛି। ଅଷ୍ଟ୍ରେଲିଆ ସରକାରଙ୍କ ସ୍ୱାସ୍ଥ୍ୟଗତ ପରାମର୍ଶ ଅନୁଯାୟୀ ଅଷ୍ଟ୍ରେଲିଆ ବିଦେଶ ଗସ୍ତ ନ କରିବାକୁ ବିଚାର କରୁଛି ବୋଲି ହକି ଅଷ୍ଟ୍ରେଲିଆ କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକେଲ ଜନଷ୍ଟନ କହିଛନ୍ତି।



ମୁମ୍ବାଇଠାରେ ଶୁକ୍ରବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଦୁଇ ତାରକା ଆଥଲେଟ ପ୍ରମୋଦ ଭଗତ ଓ ନୀରଜ ଚୋପ୍ରା।

# ଜାତୀୟ ସବ୍‌ଜୁନିୟର ସଫ୍ଟବଲ ୧୯ରୁ

**ଭୁବନେଶ୍ୱର, ୧୭।୯ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ସବ୍‌ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍(ବାଳିକା ଓ ବାଳକ)ର ୩୩ତମ ସଂସ୍କରଣ ଚଳିତ ମାସ ୧୯ ତାରିଖରୁ କଟକର ସତ୍ୟବ୍ରତ ଷ୍ଟାଡିୟମରେ ଆରମ୍ଭ ହେବ। ଓଡ଼ିଶା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ଅଫିସିଆଲଙ୍କୁ ମିଶାଇ ପାଖାପାଖି ୩୫୦ ଜଣ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଟକସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ୧୪ ବର୍ଷରୁ କମ୍ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତା ଅବସରରେ କୋଭିଡ-୧୯ ଗାଇଡଲାଇନ୍‌କୁ କଡ଼ାକଡ଼ିଭାବେ ପାଳନ କରିବା ପାଇଁ ଭାରତୀୟ ସଫ୍ଟବଲ ଆସୋସିଏଶନ ପକ୍ଷରୁ ନିର୍ଦ୍ଦେଶ ଦିଆ ଯାଇଛି। ଟୁର୍ନାମେଣ୍ଟ ପାଇଁ ୨୦,୦୦,୦୦୦ ଟଙ୍କାର ବଜେଟ ରଖା ଯାଇଛି ବୋଲି ପ୍ରକାଶ କରାଯାଇଛି।

# ଦେବାଶିଷଙ୍କୁ ଡବଲ ସଫଳତା

**ଏଆଇଟିଏ ଏସ୍‌ଏସ୍ ଟେନିସ୍**

ଭୁବନେଶ୍ୱର,୧୭।୯
(ସ୍ପୋର୍ଟ୍ସ ବ୍ୟୁରୋ)



ଟ୍ରଫି ସହ ଦେବାଶିଷ ସାହୁ।

ରାଜ୍ୟର ଶ୍ରେଷ୍ଠ ୧୬ ଓ ୧୮ ବର୍ଷରୁ କମ୍ ଟେନିସ୍ ଖେଳାଳି ଦେବାଶିଷ ସାହୁ ଆଉ ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ସେ ହରିୟାଣାର ଝାଜରଠାରେ ଖେଳାଯାଇଥିବା ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ), ସୁପର ସିରିଜ (ଏସ୍ଏସ୍) ଟେନିସ ଟୁର୍ନାମେଣ୍ଟରେ ୧୬ ବର୍ଷରୁ କମ୍ ବାଳକ ବିଭାଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ହାସଲ କରିଛନ୍ତି।

ବାଳକ ସିଙ୍ଗଲ୍ସ ଫାଇନାଲରେ ସେ ପଞ୍ଜାବର ହିତେଶ ଚୌହାନଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ସେମିଫାଇନାଲରେ ସେ ଦିଲ୍ଲୀର ଅର୍ଜୁନ ପଣ୍ଡିତଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଡବଲ୍ସ ଇଭେଣ୍ଟରେ ସେ ହିତେଶ ଚୌହାନଙ୍କ ସହ ସାଥି ହୋଇ ଫାଇନାଲ ମୁକାବିଲାରେ ଅର୍ଜୁନ ପଣ୍ଡିତ ଓ ହରିୟାଣାର ଦୀପମ ମଲିକଙ୍କୁ ୪-୬, ୬-୩ (୧୦-୩) ସୁପର ଟାଇବ୍ରେକରରେ ହରାଇ ଟାଇଟଲ ଜିତିଛନ୍ତି। ଦେବାଶିଷ ଏବେ ଦେଶରେ ୧୬ ବର୍ଷରୁ କମ୍ ର‌୍ୟାଙ୍କିଙ୍ଗରେ ୧୩ତମ ସ୍ଥାନରେ ରହିଛନ୍ତି। ସେ ରାଜ୍ୟର ପ୍ରଥମ ଖେଳାଳିଭାବେ ଜୁନିୟର ରୋଡ ଟୁ ୧୪ ବର୍ଷରୁ କମ୍ ୱିମ୍ବଲଡନ ଇଭେଣ୍ଟ ପାଇଁ ଚୟନ ହୋଇଥିଲେ। ତେବେ କୋଭିଡ୍-୧୯ କାରଣରୁ ୱିମ୍ବଲଡନ ବାତିଲ ହୋଇଥିଲା। ୨୦୨୨ରେ ୧୬ ବର୍ଷରୁ କମ୍ ବର୍ଗ ଜୁନିୟର ଡେଭିସ୍ କପ୍‌ରେ ଭଲ ପ୍ରଦର୍ଶନ କରିବାକୁ ଦେବାଶିଷ ଏବେ କଠିନ ପରିଶ୍ରମ କରୁଛନ୍ତି।

| ଜିଲ୍ଲା | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା ଏ. ଡି. | ଅଧିଗ୍ରହଣ ରକବା | ଭୂ-ଅର୍ଜନ ସୀମା (ପୂ/ ପ/ ଉ/ଦ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | ୮୭/ ୫୧ | ୩୧୯ | ୧.୦୦ | ୧.୦୦ | | [illegible] | [illegible] | |
| | | | | ୩୨୦ | ୦.୫୪ | ୦.୫୪ | | [illegible] | | |
| | | | | ୩୨୧ | ୦.୯୯ | ୦.୯୯ | | [illegible] | | |
| | | | ୮୭/ ୫୨ | ୮୮ | ୦.୪୯ | ୦.୪୯ | | [illegible] | [illegible] | |
| | | | | ୭୬/ ୧୦୮୫ | ୨.୦୦ | ୦.୮୫ | | [illegible] | | |
| | | | ୮୭/ ୫୩ | ୩୮୧/ ୧୦୯୧ | ୦.୦୫ | ୦.୦୫ | | [illegible] | [illegible] | |
| | | | | ୩୮୫/ ୧୦୯୨ | ୦.୩୨ | ୦.୩୨ | | [illegible] | | |
| | | | | ୩୮୬/ ୧୦୯୩ | ୦.୧୮ | ୦.୧୮ | | [illegible] | | |
| | | | ୮୭/ ୫୪ | ୩୮୧/ ୧୦୯୪ | ୦.୦୫ | ୦.୦୫ | | [illegible] | [illegible] | |
| | | | | ୩୮୫/ ୧୦୯୫ | ୦.୩୨ | ୦.୩୨ | | [illegible] | | |
| | | | | ୩୮୬/ ୧୦୯୬ | ୦.୧୮ | ୦.୧୮ | | [illegible] | | |
| | | | ୮୭/ ୫୫ | ୩୮୧/ ୧୦୯୭ | ୦.୦୫ | ୦.୦୫ | | [illegible] | [illegible] | |
| | | | | ୩୮୫/ ୧୦୯୮ | ୦.୩୨ | ୦.୩୨ | | [illegible] | | |
| | | | | ୩୮୬/ ୧୦୯୯ | ୦.୧୮ | ୦.୧୮ | | [illegible] | | |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

OIPR-24001/14/0096/2122

# ଇଗ୍ନୋରେ ଏମ୍‌ବିଏ ନାମଲେଖା ପ୍ରବେଶିକା ପରୀକ୍ଷା ହେବନି

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ଏଣିକି ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି(ଇଗ୍ନୋ)ରେ ଏମ୍‌ବିଏ ନାମଲେଖା ପାଇଁ ପ୍ରବେଶିକା

## ଆଉ ୭ ପାଠ୍ୟକ୍ରମ ଆରମ୍ଭ

ପରୀକ୍ଷା ହେବ ନାହିଁ। ଯେଉଁ ଛାତ୍ରୀଛାତ୍ର ଚଳିତବର୍ଷ ସ୍ନାତକ ପାସ୍ କରିଥିବେ କିମ୍ବା କର୍ମଜୀବୀମାନେ ଏଥିରେ ନାମଲେଖାଇ ପାରିବେ। ସ୍ନାତକରେ ୫୦% ନମ୍ବର ରଖିଥିବା ଏବଂ ସଂରକ୍ଷିତ ବର୍ଗରେ ୪୫% ନମ୍ବର ରଖିଥିଲେ ଏଥିରେ ନାମଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ଅନ୍‌ଲାଇନ୍‌ରେ ନାମଲେଖା ହେଉଛି। ଛାତ୍ରୀଛାତ୍ର କିମ୍ବା କର୍ମଜୀବୀମାନେ https://ignouadmission.samarth.edu.in ୱେବ୍‌ସାଇଟ୍‌ରେ ନାମଲେଖାଇ ପାରିବେ ବୋଲି ଇଗ୍ନୋ ପକ୍ଷରୁ ସୂଚନା ଦିଆଯାଇଛି। ନାମଲେଖା ପାଇଁ ଆସନ୍ତା ୩୦ ତାରିଖ ଶେଷ ଦିନ ରହିଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ଇଗ୍ନୋ ୱେବ୍‌ସାଇଟ୍ କିମ୍ବା ଆଞ୍ଚଳିକ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ସେପଟେ ଇଗ୍ନୋରେ ଆଉ ୭ଟି ନୂଆ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ମାଷ୍ଟର ଡିଗ୍ରୀରେ ୪ଟି କୋର୍ସ ଓ ପିଜି ଡିପ୍ଲୋମାରେ ୩ଟି କୋର୍ସ ରହିଛି। ୭ଟି ନୂଆ ପାଠ୍ୟକ୍ରମ ହେଲା, ଏମ୍‌ଏସ୍‌ସି ଇନ୍ ଇନଫରମେଶନ ସିକ୍ୟୁରିଟି, ଏମ୍‌ଏ ଇନ୍ ଅଣ୍ଟରପ୍ରିନ୍ୟୁରଶିପ୍, ଏମ୍‌ଏ ଇନ୍ ଜ୍ୟୋତିଶ, ଏମ୍‌ଏ ଇନ୍ ଫୋକ୍‌ଲୋର(folklore/ଲୋକ ସାହିତ୍ୟ) ଆଣ୍ଡ୍ କଲଚରାଲ ଷ୍ଟଡିଜ୍, ପିଜି ଡିପ୍ଲୋମା ଇନ୍ ଡିଜିଟାଲ ମିଡିଆ, ପିଜି ଡିପ୍ଲୋମା ଇନ୍ ଡେଭଲପମେଣ୍ଟ କମ୍ୟୁନିକେଶନ ଓ ପିଜି ଡିପ୍ଲୋମା ଇନ୍ ବୁକ୍ ପବ୍ଲିଶିଙ୍ଗ। ଏ ସମସ୍ତ ପାଠ୍ୟକ୍ରମ ପାଇଁ ନାମଲେଖା ବର୍ତ୍ତମାନ ଚାଲିଥିବା ଇଗ୍‌ନୋ ପକ୍ଷରୁ ସୂଚନା ଦିଆଯାଇଛି।

# ପାଣିରେ ବୁଡ଼ି ୩ ଶିଶୁ ସମେତ ୪ ମୃତ

**ଡେଲାଙ୍ଗ/ବଣ୍ଟଁରପାଳ, ୧୭।୯ (ଡି.ଏନ୍.ଏ.)**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ପାଣିରେ ବୁଡ଼ି ୩ ଶିଶୁଙ୍କ ସମେତ ମୋଟ୍ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ପୁରୀ ଜିଲାର ୨, ଅନୁଗୋଳ ଜିଲାର ୨ ଜଣ ରହିଛନ୍ତି।

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତ ନାଗଣ ଗ୍ରାମରୁ ଆସିଛି ଅସାବଧାନତାର ଦୁଃଖଦ ଚିତ୍ର। ଘର ଦୁଆରେ ଖେଳୁ ଖେଳୁ ଲୁଣା ନଦୀକୁ ଚାଲିଯିବାରୁ ଝଡ଼ିପଡ଼ିଛି ୨ ଶିଶୁଙ୍କ ଜୀବନ। ମୃତକ ହେଲେ ସଦାଶିବ ପ୍ରଧାନଙ୍କ ବଡ଼ପୁଅ ସତ୍ୟଜିତ୍ (୭) ଏବଂ ସାନପୁଅ ଶୁଭ୍ରଜିତ (୩)। ସଦାଶିବ ଅଟୋରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଗ୍ରାମର ନଦୀବନ୍ଧ ନିକଟରେ ପରିବାର ସହ ରୁହନ୍ତି। ଶୁକ୍ରବାର ମଧ୍ୟ ସଦାଶିବ ଗାଡ଼ି ନେଇ ବାହାରକୁ ଯାଇଥିବା ବେଳେ ଘରେ ମା' ସହ ୨ ପୁଅ ଥିଲେ। ପୂର୍ବାହ୍ନ ୧୧ଟାରେ ମା' ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସତ୍ୟଜିତ ଓ ଶୁଭ୍ରଜିତ ହଠାତ୍ ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ପରେ ସ୍ଥାନୀୟ ଲୋକେ ନିକଟସ୍ଥ ତାରିଣୀ ପୋଖରୀରେ ୨ଶିଶୁଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ନଦୀ ଜଳସ୍ତର ବୃଦ୍ଧି ହେତୁ ପୋଖରୀ ଓ ନଦୀ ଏକାକାର ହୋଇଯାଇଛି। ଫଳରେ ଗାଁର କେତେଜଣ ଯୁବକ ନଦୀରେ ପଶି ଶିଶୁଦ୍ୱୟଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ୨ ଶିଶୁଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଅନୁଗୋଳ ଜିଲା ବଣ୍ଟଁରପାଳ ଥାନା କଇଁଛବାହାଲ ଗ୍ରାମରେ ଘଟିଛି ଅନୁରୂପ ଅଘଟଣ। ଗାଁ ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନ ପ୍ରାୟ ୧ରେ କଇଁଛବାହାଲ ଗ୍ରାମର କ୍ଷୀରୋଦ ଜେନା (୩୬) ଓ ପୁଅ ରାକେଶ ଜେନା (୪) ନୂଆ କରି ଖୋଳା ଯାଇଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୁହେଁ ଗାଧୋଉଥିବା ବେଳେ ହଠାତ୍ ସେମାନଙ୍କ ଗୋଡ଼ କାଦୁଅରେ ପୋତି ହୋଇଯାଇଥିଲା। ଫଳରେ ବାହାରି ନ ପାରି ବାପା, ପୁଅ ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଥିବା ଅନ୍ୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଶବାଗୃହରେ ରଖିଛି।

## ବୈତରଣୀରେ ଭାସିଗଲେ ୨ ଯୁବକ

**ଆନନ୍ଦପୁର, ୧୭।୯(ସ୍ୱ.ପ୍ର.):** ବନ୍ୟା ପାଣିରେ ଭାସୁଥିବା କାଠ ଆଣିବାକୁ ଯାଇଥିବାବେଳେ ବୈତରଣୀ ନଦୀରେ ଭାସିଯାଇ ୨ ଯୁବକ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା କୁମୁଣିଆ ଗ୍ରାମର ମାୟାଧର ନାଏକ ଏବଂ କ୍ଷୀରୋଦ ନାଏକ। ଜଗବନ୍ଧୁ ନାଏକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ୩ ଯୁବକ ବୈତରଣୀ ବ୍ୟାରେଜ ନିକଟରେ ଭାସୁଥିବା କାଠ ଆଣିବାକୁ ଉଦ୍ୟମ କରୁଥିଲେ। ନଈ ମଝିରେ ମୋଟର ଟ୍ୟୁବ୍ ସାହାଯ୍ୟରେ କାଠ ସଂଗ୍ରହ କରିବା ସମୟରେ ମାୟାଧର ଓ କ୍ଷୀରୋଦ ଭାସି ଯାଇଥିଲେ। ଟ୍ୟୁବ୍‌କୁ ଆଶ୍ରା କରି ଜଗବନ୍ଧୁ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିବା ସହିତ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିନାହିଁ।

# ସମୁଦ୍ରରେ ବୁଡ଼ି ଗଲେ ଯୁବକ

**ପାରାଦୀପ,୧୭।୯(ସ୍ୱ.ପ୍ର.):** ପାରାଦୀପ ବତୀଘର ସଂଲଗ୍ନ ସମୁଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ବୁଡ଼ିଯିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ବିହାର ରାଜ୍ୟ ମୁଜାଫରନଗର ଜିଲାର ବିବେକ କୁମାର (୨୨)। ସେ ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ଅଧୀନ ଠିକାସଂସ୍ଥା ଆଡଭାନ୍ସ ଭେଣ୍ଟିଲେଟର ପ୍ରାଇଭେଟ ଲିମିଟେଡରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ବିଶ୍ୱକର୍ମା ପୂଜା ପାଇଁ କମ୍ପାନୀ ଛୁଟିଥିବାରୁ ସେଠାରେ କାମ କରୁଥିବା ବିହାର ରାଜ୍ୟର ୭ ଜଣ ଶ୍ରମିକଙ୍କ ସହ ସେ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବିବେକ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୪ ଜଣ ଶ୍ରମିକ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀ ଏହାଦେଖି ମାଛ ଧରା ଜାଲସେମାନଙ୍କ ପାଖକୁ ପକାଇଥିଲେ। ସେହି ଜାଲକୁ ଆଶ୍ରା କରି ୪ ଜଣ ବିପଦରୁ ବର୍ତ୍ତି ଯାଇଥିଲେ। ମାତ୍ର ବିବେକ ନିଖୋଜ ହୋଇଯାଇଥିଲେ। ଅଧଘଣ୍ଟା ପରେ ତାଙ୍କର ମୃତଦେହ ଜବତ ହୋଇଥିଲା।

# ଗାଡ଼ି ଧକ୍କାରେ ୨ ମହିଳା ମୃତ



ଉତ୍ତେଜିତ ଲୋକଙ୍କ ରାସ୍ତା ଅବରୋଧ।

**ଦିଗପହଣ୍ଡି,୧୭।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି- ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥ ଗୋକର୍ଣ୍ଣପୁର ଗ୍ରାମ ମୁଖ୍ୟରାସ୍ତାରେ କୌଣସି ଗାଡ଼ି ଧକ୍କାରେ ଶୁକ୍ରବାର ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋକର୍ଣ୍ଣପୁର ଗ୍ରାମର ତମାଳ ବିନ୍ଧାଣି ଏବଂ ଚିନାରି. ବାଙ୍ଗାରି ପାତ୍ର। ଶୁକ୍ରବାର ଭୋରରେ ତମାଳ ଓ ଚିନାରି ଗ୍ରାମର ମୁଖ୍ୟରାସ୍ତା କଡ଼ରେ ଥିବା ହରିଣୀ ନାଳକୁ ଗାଧୋଇବା ପାଇଁ ଯାଉଥିଲେ। ଏହି ସମୟରେ କୌଣସି ଗାଡ଼ି ଉଭୟଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରେ ଟାୟାର ଜାଳି ଦିଗପହଣ୍ଡି- ବ୍ରହ୍ମପୁର ମୁଖ୍ୟରାସ୍ତାକୁ ଦୀର୍ଘସମୟ ଧରି ଅବରୋଧ କରିଥିଲେ। ବ୍ରହ୍ମପୁର- ରାୟଗଡ଼ା ଭାୟା ଦିଗପହଣ୍ଡି ରାସ୍ତା ଦେଇ ଚଳାଚଳ କରୁଥିବା ଗାଡ଼ିମୋଟର ରାସ୍ତାର ଉଭୟ ପଟରେ ଅଟକି ରହିଥିଲା। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦିଗପହଣ୍ଡି ପୋଲିସ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ୨ଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ.୨୩୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

# ଲୁହା ପାଇପ୍ ତଳେ ଚାପିହୋଇ ଶିଶୁ ମୃତ

**ବିଷମକଟକ,୧୭।୯(ଡି.ଏନ୍.ଏ.)**

- ଜଳ ଯୋଗାଣ ପାଇଁ ଠିକାସଂସ୍ଥା ପକ୍ଷରୁ ରଖାଯାଇଥିଲା ପାଇପ୍
- ୨୦ ହଜାର ଦେଇ ସଂସ୍ଥା ପକ୍ଷରୁ ମାମଲା ରଫାଦଫା ଅଭିଯୋଗ

ରାୟଗଡ଼ା ଜିଲା ବିଷମକଟକ ବ୍ଲକର କାର୍ଯ୍ୟରତ ଠିକା ସଂସ୍ଥା 'ମେଘା ପ୍ରୋଜେକ୍ଟ' ପକ୍ଷରୁ ବେଆଇନ ଭାବେ ରଖାଯାଇଥିବା ଲୁହା ପାଇପ୍ ତଳେ ଚାପିହୋଇ ଜଣେ ଶିଶୁ(୬)ର ମୃତ୍ୟୁ ଘଟିଛି। ବିଷମକଟକ ବ୍ଲକ ସଦରସ୍ଥିତ ମାଁ ମାର୍କମା ମନ୍ଦିର ନିକଟରେ ଏହି ଠିକ୍ ସଂସ୍ଥା ପକ୍ଷରୁ ଜଳ ଯୋଗାଣ ନିମନ୍ତେ ବେଆଇନ ଭାବେ ଲୁହା ପାଇପ୍ ରଖାଯାଇଥିଲା। ବାହାର ରାଜ୍ୟରୁ ଆସିଥିବା ବୁଲା ବ୍ୟବସାୟୀମାନେ ସେହି ସ୍ଥାନରେ ଟେଣ୍ଟ ମାରି ରହିଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ଉକ୍ତ ବ୍ୟବସାୟୀମାନଙ୍କ ପିଲାମାନେ ଏହି ପାଇପ୍ ନିକଟରେ ଖେଳୁଥିବାବେଳେ କୌଣସି କାରଣରୁ ପାଇପ୍ ଖସିଯିବା ଫଳରେ ଶିଶୁଟି ତାହାତଳେ ଚାପି ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ଘରୋଇ ଖ୍ରୀଷ୍ଟିଆନ ହସ୍ପିଟାଲକୁ ନେଇଥିଲେ। ସେଠାରୁ ସିଟିସ୍କାନ ପାଇଁ ଗୁଣପୁର ନେବା ସମୟରେ ବାଟରେ ଶିଶୁଟିର ମୃତ୍ୟୁ ଘଟିଥିଲା। ଗୁଣପୁର ଠାରେ ଶିଶୁଟିର ମୃତଦେହକୁ ପୋତାଯାଇଥିଲା। ତେବେ ଶିଶୁଟିର ମୃତ୍ୟୁ ପରେ ବେଆଇନ ଭାବେ ପାଇପ୍ ରଖିଥିବା ଠିକା ସଂସ୍ଥା ପକ୍ଷରୁ ମାମଲାର ରଫାଦଫା ପାଇଁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ମାତ୍ର ୨୦ ହଜାର ଟଙ୍କା ଦେଇ ମୃତ ଶିଶୁଟିର ପରିବାର ଲୋକଙ୍କୁ ଅନ୍ୟ ଅଞ୍ଚଳକୁ ପଠାଇ ଦେଇଥିବା ଚର୍ଚ୍ଚା ହେଉଛି। ସେଥିପାଇଁ ଶିଶୁଟିର ପରିଚୟ ମିଳିପାରିନାହିଁ। ଏମିତିକି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଟିର ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭରତ ଚୌଧୁରିଙ୍କୁ ପଚାରିବାରୁ, ସନ୍ଧ୍ୟାରେ ଶିଶୁଟିକୁ ଗୁରୁତର ଅବସ୍ଥାରେ ଆଣିଥିଲେ କିନ୍ତୁ ଓପିଡିରେ ଭିଡ଼ ଥିବାରୁ ଫେରିଯାଇଥିଲେ ବୋଲି ସେ କହିଛନ୍ତି। ଗୁରୁତର ରୋଗୀଙ୍କୁ ଡାକ୍ତର ନ ଦେଖି କିପରି ଛାଡ଼ିଦେଲେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଏ ବିଷୟରେ ବିଷମକଟକ ଥାନା ଅଧିକାରୀଙ୍କୁ ପଚାରିବାରୁ, ଡାକ୍ତରଖାନାରୁ କୌଣସି ରିପୋର୍ଟ ପହଞ୍ଚିନାହିଁ ବୋଲି କହିଛନ୍ତି। ଘଟଣା ପରେ ମୃତ ଶିଶୁଟିର ପରିବାର ଲୋକେ ଚାପରେ ଅଞ୍ଚଳ ଛାଡ଼ି ଚାଲିଯାଇଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER LIFT IRRIGATION DIVISION, JALESWAR**
**E-mail- exengerolicjls@rediffmail.com**

No.CAD-1191:- **e-Procurement Notice**

**Bid Identification No.: 01/2021-22/ Dt.15.09.2021**

1. Name of the tender inviting Officer-Executive Engineer, L.I. Division, Jaleswar representing Odisha Lift Irrigation Corporation Ltd., Bhubaneswar.
2. Name of the work: Installation and Energisation of CLIP in Basta Block of Balasore District.
3. No. of Package : 33 Nos. [RIDF (21-22)]
4. Cost of tender amount: Varies from Rs.1253205/- to Rs.1866112/-
5. Date and time of availability of bid document in portal for online bidding from 11.00 hrs. dated 27.09.2021 to 17 hrs. dated 11.10.2021.
6. Last date and time of receipt of bid in the portal upto 17 hrs. dated 11.10.2021.
7. Last date & time to seek clarification upto 17 hrs. dated 08.10.2021.
8. Date of opening of technical bid (Cover-1) at 11.00 hrs. dated 16.10.2021.
9. Date of opening of financial bid will be informed after evaluation of technical bid.
10. Further details can be seen from the e-procurement portal of Govt. of Odisha i.e. www.tenderodisha.gov.in.
11. Subsequent corrigendum/ addendum if required shall be available in above portal.

**Er. S.K. CHOUDHARY, Executive Engineer, L.I. Division, Jaleswar**

OIPR-32140/11/0001/2122

**PANCHAYAT SAMITI, CHITRAKONDA**

No.1856/ 2021 Date: 17.09.2021

**TENDER CALL NOTICE NO.-04/ 2021-22**

Consequent upon opening of the tender papers against this office Tender Call Notice bearing No. 03/2021-22 dt.23.08.2021 on dated 08.09.2021 it is observed by the Tender Committee that there is no competitive bidder for items viz. Dual Desk, Chair for e-Library and Lab. Equipments. Hence due to lack of competitive bidders for these items, the Block Development Officer, Chitrakonda invites fresh sealed percentage rate tenders on behalf of Governor of Odisha as per annexure from reputed firms/ companies/ agencies for the purpose of setting up of Smart Class, E-Library, Science Laboratory and other Class Room interior for providing digital education in 1 School in Chitrakonda Block under 5T High School Transformation programme of Govt. of Odisha.

**Bid No. 04/2021-22**
**Important Dates**

I. The date & time for receiving of bids: The tender forms shall be received through registered / speed post only from Dt.18.09.2021 to 24.09.2021 in the time of 10 A.M. to 5 P.M. in all the working days of Office of the Block Development Officer, Chitrakonda.
II. Opening of Technical part / Financial part: Dated on 24.09.2021 at 5.30 P.M. in the Office of the Block Development Officer, Chitrakonda.
III. The Cost of the tender papers of Rs.4000/- Rupees (Four thousand) only non-refundable to be submitted along with tender paper in shape of Demand Draft in favour of Block Development Officer, Chitrakonda payable at SBI, Chitrakonda.
IV. The bids have to be submitted in physical form to BDO, Chitrakonda with technical-cum-pre qualification bid in one envelope and financial bid in another envelope. Both the envelopes should be kept in one envelope with the name of bidder superscribed on it.
V. Detailed terms and condition can be downloaded from **www.malkangiri.nic.in**.

**Sd./- Block Development Officer, Chitrakonda**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6594/PSC, (1R-40-21-22) (DR-V),** **Dt. 17.9.21**

**No. D-141:-** It is for information of all concerned that, pursuant to the advertisement No. 08 of 2020-2021, **120 (One Hundred Twenty)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Political Science**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **04.10.2021, 05.10.2021, 07.10.2021, 08.10.2021 & 11.10.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 04.10.2021 | 10.30 AM | 00086746, 00038436, 00089564, 00087721, 00092043, 00087701, 00095553, 00093270, 00097102, 00087504, 00077363, 00092278, 00088938, 00090012 & 00093235 =15 Candidates |
| | 02.30 PM | 00096358, 00090564, 00087913, 00086441, 00092975, 00083701, 00086063, 00087025, 00088893 & 00091055 = 10 Candidates |
| 05.10.2021 | 10.30 AM | 00091324, 00091773, 00092111, 00088121, 00089549, 00101806, 00089924, 00086898, 00097796, 00090040, 00026155, 00089481, 00092755, 00093808 & 00087041 = 15 Candidates |
| | 02.30 PM | 00088629, 00089873, 00091384, 00094071, 00094586, 00094634, 00095743, 00097625, 00092632 & 00093064 = 10 Candidates |
| 07.10.2021 | 10.30 AM | 00090245,00086675, 00089360, 00092706, 00062594, 00088485, 00089573, 00090496, 00088741, 00061763, 00086989, 00102212, 00090152, 00091142 & 00091285 = 15 Candidates |
| | 02.30 PM | 00095576, 00090375, 00092276, 00091281, 00092831, 00087613, 00092844, 00097217, 00095810 & 00089892 = 10 Candidates |
| 08.10.2021 | 10.30 AM | 00089574, 00094558, 00102111, 00088083, 00067210, 00089989, 00086615, 00099694, 00090537, 00086132, 00084710, 00095591, 00102272, 00097911 & 00099596 = 15 Candidates |
| | 02.30 PM | 00086143, 00090223, 00091040, 00066684, 00089299, 00093341, 00077626, 00080950, 00093021 & 00054488 = 10 Candidates |
| 11.10.2021 | 10.30 AM | 00093132, 00096986, 00089850, 00016024, 00091720, 00092734, 00094614, 00028832, 00097883, 00031424, 00086672, 00055900 & 00094014 = 13 Candidates |
| | 02.30 PM | 00080545, 00062820, 00065289, 00086053, 00036163, 00091744 & 00018744 = 07 Candidates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0097/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6579/P.S.C., 1E-02-2021/22 (DR-III)** **Dt. 17.9.21**

**No. D-142:-** The Commission recommends **67 (Sixty Seven)** candidates (list enclosed) in order of merit for recruitment to for the post of Assistant Conservator of Forest, Group-A (JB) & Forest Ranger, Group-B under Forest, Environment & Climate Change Department, pursuant to Advertisement No.22 of 2018-19

**Sd./- Secretary**

**ODISHA PUBLIC SERVICE COMMISSION**
**Odisha Forest Service Examination-2019 Pursuant to Advt. No. 22 of 2018-19**
**Final Select List**

| SL NO. | ROLL NO. | NAME OF THE CANDIDATE | CATEGORY TO WHICH BELONGS | SEX | EX SM | SP | SELECT UNDER CATEGORY |
|---|---|---|---|---|---|---|---|
| 1 | 300721 | AYUSHI PATI | UR | F | | | UR(W) |
| 2 | 302841 | MANASMITA MAHARANA | UR | F | | | UR(W) |
| 3 | 300923 | BIBEK DAS | UR | M | | | UR |
| 4 | 302609 | LAXMIPRIYA UPADHYAYA | UR | F | | | UR(W) |
| 5 | 302801 | MANAS RANJAN BEHERA | UR | M | | | UR |
| 6 | 300165 | AISHWARYA ROUTRAY | SEBC | F | | | UR(W) |
| 7 | 304740 | SASMITA BISWAL | UR | F | | | UR(W) |
| 8 | 304944 | SHINE SHREE DASH | UR | F | | | UR(W) |
| 9 | 304812 | SATYAJEET KAR | UR | M | | | UR |
| 10 | 301954 | HARAMOHAN RATH | UR | M | | | UR |
| 11 | 303737 | PRIYADARSINEE SAHOO | UR | F | | | UR(W) |
| 12 | 200271 | DIBYA RANJAN DALEI | UR | M | | | UR |
| 13 | 302827 | MANAS RANJAN SAHOO | UR | M | | | UR |
| 14 | 303310 | OMKAR DAS | SEBC | M | | | UR |
| 15 | 300334 | AMIT PRAKASH NAYAK | SEBC | M | | | UR |
| 16 | 300601 | ASHIS KUMAR PAIKRAY | SEBC | M | | | UR |
| 17 | 303687 | PRITHVIRAJ PRADHAN | SEBC | M | | | UR |
| 18 | 401041 | SOMESH RANABIJULI | UR | M | | | UR |
| 19 | 501244 | RAJ KUMAR SETHY | SC | M | | | UR |
| 20 | 100585 | SAGAR RAJ NAYAK | UR | M | | | UR |
| 21 | 304336 | SABNAM SAHOO | SEBC | F | | | UR(W) |
| 22 | 304485 | SAMPAT KUMAR DASH | UR | M | | | UR |
| 23 | 303646 | PRAVANJAN KUMAR PRADHAN | SEBC | M | | | UR |
| 24 | 304963 | SHRABANEE NAYAK | UR | F | | | UR(W) |
| 25 | 300336 | AMIT SUBHRAJIT | UR | M | | | UR |
| 26 | 305026 | SIDDHANT KUMAR SAHU | SEBC | M | | | UR |
| 27 | 305513 | SUBHRA SUCHISMITA MOHAPATRA | UR | F | | | UR(W) |
| 28 | 304226 | RESHMA PARIDA | SEBC | F | | | UR(W) |
| 29 | 300811 | BARSHA SAMAL | SEBC | F | | | UR(W) |
| 30 | 100767 | SUSANTA KUMAR BANDHA | SC | M | | | SC |
| 31 | 303022 | MOHAMMED FATAHUN AZEEZ KHAN | UR | M | | | UR |
| 32 | 304967 | SHRADHA PANIGRAHI | UR | F | | | UR |
| 33 | 306104 | TAPAS KUMAR BEHERA | SC | M | | | UR |
| 34 | 305570 | SUCHISMITA DAS | SEBC | F | | | UR |
| 35 | 300478 | ANUKUL CHANDRA JENA | SEBC | M | | | UR |
| 36 | 301543 | DEBASMITA SAHOO | SEBC | F | | | SEBC (W) |
| 37 | 304351 | SACHIDANANDA SUBUDHI | SEBC | M | | | SEBC |
| 38 | 305466 | SUBHASIS KULABHUSAN PAHADASINGH | SEBC | M | | | SEBC |
| 39 | 100020 | AJIT KUMAR DAS | SEBC | M | | | SEBC |
| 40 | 301256 | BRAHMANANDA SAHOO | SEBC | M | | | SEBC |
| 41 | 305164 | SNIGDHA SARITA BALIARSINGH | SEBC | F | | | SEBC (W) |
| 42 | 301519 | DEBASISH NAYAK | SEBC | M | | | SEBC |
| 43 | 500313 | BIJAYA LAXMI PATEL | SEBC | F | | | SEBC (W) |
| 44 | 305346 | SRADHAYA KUMAR MANTRY | SEBC | M | | | SEBC |
| 45 | 300290 | AMEET KUMAR SAHOO | SEBC | M | | | SEBC |
| 46 | 303057 | MONALISHA MOHAPATRA | SEBC | F | | | SEBC (W) |
| 47 | 300765 | BALAGOPAL BEHERA | SC | M | | | SC |
| 48 | 302810 | MANAS RANJAN MALLICK | SC | M | | | SC |
| 49 | 500839 | LINGARAJ PRADHAN | SEBC | M | | | SEBC |
| 50 | 300367 | AMRUTA NAYAK | SEBC | F | | | SEBC |
| 51 | 304929 | SHIBANEE MAHARANA | SEBC | F | | | SEBC |
| 52 | 300786 | BANDANA PASAYAT | SEBC | F | | | SEBC |
| 53 | 305694 | SUMAN SUDHA KUNDU | SEBC | F | | | SEBC |
| 54 | 300418 | ANIRUDHA TARAI | SC | M | | | SC |
| 55 | 400835 | RESHMA LAKRA | ST | F | | | ST(W) |
| 56 | 302071 | JAGADDISH KUMAR DAS | SC | M | | | SC |
| 57 | 303583 | PRASANNAJIT NAIK | ST | M | | | ST |
| 58 | 301080 | BIMAL PRADHAN | ST | M | | | ST |
| 59 | 302418 | KASHISH BEHERA | SC | F | | | SC(W) |
| 60 | 302141 | JATIN KUMAR SINGH | ST | M | | | ST |
| 61 | 302002 | HIMAN NAIK | ST | M | | | ST |
| 62 | 303751 | PRIYANKA MAHUKA | ST | F | | | ST(W) |
| 63 | 500340 | BINAY PRAKASH BURH | ST | M | | | ST |
| 64 | 501016 | NILADRI BHOI | ST | F | | | ST(W) |
| 65 | 301349 | CHINMAYA KUMAR GARTIA | ST | M | | | ST |
| 66 | 100699 | SK MEHERBAN ALLI | UR | M | Y | | UR_EXSM |
| 67 | 400921 | SANTOSH KUMAR PATI | UR | M | | Y | UR_SP |

OIPR-12002/11/0098/2122

# ମେଢ଼ ଖୋଜୁଛି ମଣ୍ଡପ

■ପୂର୍ବ ଆୟୋଜନ ସ୍ଥାନ ହେଲାଣି ଘାସ ବଣ
■ଫଟୋ ପୂଜାରେ ସୀମିତ ବିଶ୍ୱକର୍ମା ପୂଜା
■ନୀରବିଯାଇଛି ନାଲ୍‌କୋନଗର

ବଅଁରପାଳ,୧୭।୯(ଡି.ଏନ.ଏ.)

ପୂଜା ପାଇଲେ ଦେବଶିଳ୍ପୀ। ରୀତିନୀତି ଅନୁଯାୟୀ କରାଗଲା ଆବାହନ। ହେଲେ ନା' ଦୂରକୁ ଶୁଭିଲା ପଣ୍ଡିତଙ୍କ ମନ୍ତ୍ରପାଠ ନା' ଉତ୍ସବମୁଖର ହେଲା ନାଲ୍‌କୋନଗର। ପୂଜା କେଉଁଠି ହେଲା, କେମିତି ହେଲା, ତାହା ଜାଣିପାରିଲେନି ଅଞ୍ଚଳବାସୀ। କୋଭିଡ୍ କାଳ ହୋଇ ନ ଥିଲେ ଏତେବେଳକୁ ଝଲମଲ ହେଉଥାନ୍ତା ଅନୁଗୋଳ ଜିଲାର ଏହି ଆଲୁମିନିୟମ ନଗରୀ। ଆଖି ଝଲସାଇ ଦେବାଭଳି ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂରି ଉଠୁଥାନ୍ତା ବିଭିନ୍ନ ମଣ୍ଡପ। ଛାତିଫଟା ଭିଡ଼ରେ ଜମୁଥାନ୍ତା ପୂଜା ମଉଜ। କିନ୍ତୁ ଗତ ଦୁଇବର୍ଷ ହେଲା ସ୍ଥିତି ବିଗାଡ଼ି ଦେଇଛି ମହାମାରୀ। ସେଥିପାଇଁ ଆଡ଼ମ୍ବରକୁ ଦିଆଯାଉନି ଅନୁମତି। ଫଳରେ ଯେଉଁ ମଣ୍ଡପରେ ବିଶ୍ୱନିୟନ୍ତା ବିରାଜମାନ କରିଥାନ୍ତେ, ସେଠି ଏବେ ରାଜୁତି କରୁଛି ଘାସବଣ।


ପ୍ରତିବର୍ଷ ମଣ୍ଡପ ହେଉଥିବା ସ୍ଥାନରେ ଘାସ ବଣରେ ଭରିଯାଇଛି।


ନାଲ୍‌କୋରେ ବିଶ୍ୱକର୍ମାଙ୍କ ଫଟୋ ପୂଜା।

ନାଲ୍‌କୋର ସ୍ମେଲଟର ଓ ସିପିପି ପ୍ଲାଣ୍ଟର ମୋଟ୍ ୨୩ଟି ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା କରାଯାଏ। ୭ ଦିନିଆ ଏହି ଉତ୍ସବକୁ ଅତ୍ୟନ୍ତ ଆକର୍ଷଣୀୟ କରିବାକୁ ମାସ ମାସ ପୂର୍ବରୁ କମିଟିଗୁଡ଼ିକ ପକ୍ଷରୁ ସୁଚିନ୍ତିତ ଯୋଜନା କରାଯାଇଥାଏ। ପଟ୍‌ଲାଇନ୍, କାଷ୍ଟ ହାଉସ, ରୋଡିଂ ଶପ୍, ଆରପିୟୁ, ସିଭିଲି, ଉଦ୍ୟାନ, ସିପିପି ଅପରେଶନ, ଇଲେକ୍ଟ୍ରିକାଲ, କାର୍ବନ ଏରିଆ, ଠିକାଦାର ସଂଘ ମଧ୍ୟରୁ କିଏ ସାଜସଜ୍ଜାରେ ବାଜିମାରିବ ତାହା ହିଁ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥାଏ। ସେଥିପାଇଁ ରାଜ୍ୟ ବାହାରୁ କାରିଗରଙ୍କ ସହ ବିଭିନ୍ନ ସାମଗ୍ରୀ ମଗାଯାଇଥାଏ। ବହୁ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଅତି ଜାକଜମକରେ ଏହାର ଆୟୋଜନ କରାଯାଇଥାଏ। ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋଳି, ମିନାବଜାର ଓ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲର ଆକର୍ଷଣ ରାଜ୍ୟବାସୀଙ୍କୁ ଆକର୍ଷିତ କରିଥାଏ। କିନ୍ତୁ କୋଭିଡ୍ କଟକଣା ଯୋଗୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ନାଲ୍‌କୋନଗରରେ ବିନା ଆଡ଼ମ୍ବରରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ମଣ୍ଡପଗୁଡ଼ିକରେ ମେଢ ପରିବର୍ତ୍ତେ ଅନୁଷ୍ଠାନ ମଧ୍ୟରେ କେବଳ ଫଟୋ ଓ ଛୋଟ ମୂର୍ତ୍ତି ପୂଜାରେ ଏହାକୁ ସୀମିତ ରଖାଯାଇଛି। ସେହିପରି ଭସାଣିକୁ ନେଇ ମଧ୍ୟ ସେପରି କିଛି ଯୋଜନା କରାଯାଇ ନାହିଁ। ସେଥିପାଇଁ ପ୍ରତିବର୍ଷ ପୂଜା ବେଳେ ଜନଗହଳି ଲାଗୁଥିବା ଏହି ଆଲୁମିନିୟମ ନଗରୀରେ ଏବେ ଜନଶୂନ୍ୟ ପରିବେଶ ସୃଷ୍ଟି ହୋଇଛି।

### କୋଭିଡ୍ ଛଡ଼ାଇ ନେଇଛି ଉତ୍ସବ



ନାଲ୍‌କୋ ଅଞ୍ଚଳର ମୁଖ୍ୟ ଉତ୍ସବ କହିଲେ ବିଶ୍ୱକର୍ମା ପୂଜାକୁ ବୁଝାଏ। ହେଲେ ମହାମାରୀ କୋଭିଡ୍ କାରଣରୁ ଗତ ୨ ବର୍ଷ ହେଲା ଏହା ପୂର୍ବଭଳି ଆଡ଼ମ୍ବରରେ ପାଳନ ହୋଇପାରୁ ନାହିଁ। ତେଣୁ ପୂଜା ହେଉଥିଲେ ମଧ୍ୟ ତାହା ଉତ୍ସବ ଭଳି ଅନୁଭବ ହେଉନାହିଁ କି ଅଞ୍ଚଳବାସୀ ଖୁସି ପାଇପାରୁ ନାହାନ୍ତି।

-ସଂଗ୍ରାମ ମିଶ୍ର, ଅନୁଗୋଳ

### କଳା ପ୍ରଦର୍ଶନ, ରୋଜଗାର ନାହିଁ



ପ୍ରତ୍ୟେକ ବର୍ଷ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଦଣ୍ଡନୃତ୍ୟ ଠାରୁ ଆରମ୍ଭ କରି ନାଟକ ପରିବେଷଣ କରାଯାଇଥାଏ। ଫଳରେ ସ୍ଥାନୀୟ ଅଞ୍ଚଳର ବହୁ କଳାକାର କଳା ପ୍ରଦର୍ଶନ ସହ ରୋଜଗାର କରିପାରିଥାନ୍ତି। କିନ୍ତୁ ୨ ବର୍ଷ ହେଲା ସେଥିରୁ ଆମେ ବଞ୍ଚିତ। ଅଞ୍ଚଳବାସୀ ଖୁସି ପାଇପାରୁ ନାହାନ୍ତି।

-ବାମଦେବ ସେଠ, ଦଣ୍ଡ କଳାକାର, କୁଲାଡ

### ପୂଜା ବୁଲିବାର ମଜା ପାଉନୁ



ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭ ହୋଇଛି। କିନ୍ତୁ ଏହା କେମିତି ପାଳନ ହେଉଛି ତାହା କହିଲା ବେଳେ ଆଖିରେ ଲୁହ ଜକେଇ ଆସୁଛି। ପ୍ରତିବର୍ଷ ଏହି ଦିନକୁ ଅନୁଗୋଳ, ଢେଙ୍କାନାଳ ସହ ଅନ୍ୟ ଜିଲାର ଜନସାଧାରଣ ଚାହିଁ ରହିଥାନ୍ତି। କିନ୍ତୁ ୨ ବର୍ଷ ହେଲା ଆଡ଼ମ୍ବର ନାହିଁ କି ମଜା ମିଳୁନି।

-ଜୟଶ୍ରୀ ପଟ୍ଟନାୟକ, ହିନ୍ଦୋଳ

### ୨ ବର୍ଷ ହେଲା କ୍ଷତି ସହୁଛୁ



ବିଶ୍ୱକର୍ମା ପୂଜାର ମାସେ ଆଗରୁ ମଣ୍ଡପ ନିର୍ମାଣ ଆରମ୍ଭ ହୁଏ। ପ୍ରତିଯୋଗିତାମୂଳକ ସାଜସଜ୍ଜା କରାଯାଉଥିବାରୁ ରାଜ୍ୟ ବାହାରୁ କାରିଗରଙ୍କୁ ଅଣାଯାଏ। ନାଲ୍‌କୋ ସହ ଜିଲାର ବିଭିନ୍ନ ସ୍ଥାନରୁ ଟେଣ୍ଟ ସାମଗ୍ରୀ ନିଆଯାଉଥିବାରୁ ଲକ୍ଷାଧିକ ଟଙ୍କା ମିଳିଥାଏ। କିନ୍ତୁ ଏହି ମହାମାରୀ ବ୍ୟବସାୟକୁ ମାରିଦେଇଛି।

-କୁନାଲ ସେଠ, ଟେଣ୍ଟହାଉସ ମାଲିକ, ନାଲ୍‌କୋ


ଅନୁଗୋଳସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।


ନାଲ୍‌କୋ ସିପିପିରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ଅନୁଗୋଳ ରେଲୱେ ଇଲେକ୍ଟ୍ରି ଲୋକୋ ସେଡ୍‌ରେ ପୂଜା। ନାଲ୍‌କୋନଗରରେ ମୂର୍ତ୍ତି ପୂଜା।

## ସଂକ୍ଷେପରେ

### ୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୭।୯- ଅନୁଗୋଳ ଜିଲାରୁ ଶୁକ୍ରବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୨୪୬ରେ ପହଞ୍ଚିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତମାନଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୨ଜଣ, ବଅଁରପାଳ ବ୍ଲକରୁ ଜଣେ, ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୯ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ଜିଲା ଛାତ୍ର କଂଗ୍ରେସ କମିଟି ଘୋଷିତ

ଅନୁଗୋଳ ଅଫିସ, ୧୭।୯- ଅନୁଗୋଳ ଜିଲା ଛାତ୍ର କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଘୋଷଣା ଶୁକ୍ରବାର କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାଶିର ନୱାଜ ଓ ରାଜ୍ୟ ପ୍ରଭାରୀ ଅନୁଲେଖା ବୋଷଙ୍କ ଅନୁମୋଦନ କ୍ରମେ କମିଟିର ୬ ଜଣ ଉପସଭାପତି, ୧୩ ଜଣ ସାଧାରଣ ସମ୍ପାଦକ, ୨୦ ଜଣ ସମ୍ପାଦକଙ୍କ ନାମ ଘୋଷଣା ହୋଇଛି। ଛାତ୍ରୀ ଓ ଛାତ୍ର ନେତାଙ୍କୁ ଏହି କମିଟିରେ ସ୍ଥାନ ଦିଆଯାଇଛି। ଜିଲା କମିଟିର ସ୍ଥାନିତ ୬ ଜଣ ଉପସଭାପତି ହେଲେ କମଳକାନ୍ତ ସାହୁ, ବିଶ୍ୱଜିତ ପ୍ରଧାନ, ଝସକେତନ ସ୍ୱାଇଁ, ଦିବ୍ୟରଞ୍ଜନ ଭୂତିଆ, ଆଦିତ୍ୟ ମେହେର, ଶିବ ପ୍ରସାଦ ପ୍ରଧାନ। ସାଧାରଣ ସମ୍ପାଦକ ହୋଇଛନ୍ତି ତୁଷାରକାନ୍ତ ପ୍ରଧାନ, ସମୀର ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଶୁଭୋଦୀପ ଗାଙ୍ଗୁଲି, ଅଶ୍ୱିନୀ କୁମାର ସ୍ୱାଇଁ, ରାକେଶ କୁମାର ଖିଲାର, ବବୁଲ ବେହେରା, ଆଦିତ୍ୟ କୁମାର ନାୟକ, ଝସଲକ୍ଷ୍ମୀ ନାୟକ, ସୁଶାନ୍ତ ସେଠୀ, ରିତୁନ୍ କୁମାର ସାହୁ, ବିଜୟ କେତନ ପ୍ରଧାନ, ଆଦିତ୍ୟ ମହାରଣା। ସମ୍ପାଦକ ଭାବେ ଦୀନେଶ କାର୍ତ୍ତିକ ସାହୁ, ସତ୍ୟଜିତ ଜେନା, ସୂର୍ଯ୍ୟକାନ୍ତ ପ୍ରଧାନ, ତପନ କୁମାର ସିଂହସାମନ୍ତ, ବାବୁ ରଥ, ସୁନୀଲ ଗଡ଼ନାୟକ, ଶୁଭେନ୍ଦୁ ପରିଡ଼ା, ସୁନୀଲ ସାହୁ, ହିମାଂଶୁ ସାହୁ, ସୁଶୀଲ ପୃଷ୍ଟି, ପ୍ରଜ୍ଞାନନ୍ଦ ଆଚାର୍ଯ୍ୟ, ସୁଶାନ୍ତ ସେଠୀ, ସନ୍ତୋଷ କୁମାର ଦାସ, ମନୋଜ କୁମାର ସାହୁ, ଶର୍ମିଷ୍ଠା ନାୟକ, ଅମର ନାୟକ, ଶାନ୍ତନୁ ବେହେରା, ପ୍ରଶାନ୍ତ କୁମାର ନାୟକ, ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଜିଲା ଛାତ୍ର କଂଗ୍ରେସ ସଭାପତି ବିଶ୍ୱ ରଞ୍ଜନ ପାଣିଗ୍ରାହୀ କହିଛନ୍ତି।

### ବଦଳି ବାତିଲ ଦାବି

ଆଠମଲ୍ଲିକ,୧୭।୯(ଡି.ଏନ.ଏ.)- ଆଠମଲ୍ଲିକ ପ୍ରାଣୀ ଚିକିତ୍ସାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବଦଳି ବାତିଲ ଦାବିରେ ଶୁକ୍ରବାର ଦୁଗ୍ଧ ଚାଷୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ବଦଳି ହୋଇଥିବା କର୍ମଚାରୀ ଚାଷୀଙ୍କ ଗୋରୁ, ଛେଳି, ମେଣ୍ଢାଙ୍କ ଚିକିତ୍ସା କରୁଛନ୍ତି। ହଠାତ ରାତି ଅଧିଆ ତାଙ୍କୁ ବଦଳି କରାଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ କର୍ମଚାରୀଙ୍କ ବଦଳି ବାତିଲ କରିବାକୁ ଦୁଗ୍ଧ ଚାଷୀମାନେ ଦାବି କରିଛନ୍ତି।

### ଏଟିଏମ୍ ଉଦ୍‌ଘାଟିତ

ବନ୍ତଲା,୧୭।୯(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଛକ ନିକଟରେ ଧୋକୁଟା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧୀନରେ ଥିବା ନୂତନ ଏଟିଏମ୍ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଧୋକୁଟା ଏଚ୍‌ଡିଏଫସି ବ୍ୟାଙ୍କ ମ୍ୟାନେଜରର ବିଜନ କୁମାର ମହାପାତ୍ର, ବଡକେରା ବ୍ୟାଙ୍କ ମ୍ୟାନେଜର ବିଶ୍ୱଜିତ ଦାସ, ନାଲ୍‌କୋ ମ୍ୟାନେଜର କମଳକାନ୍ତ ଦାସ, ଅନୁଗୋଳ ମ୍ୟାନେଜର ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଯୁବନେତା ଅରୁଣାଭ ସିଂହ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭାଗୀରଥି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ବନ୍ତଲା ଡାକ ବଙ୍ଗଳାଠାରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିସହିତ ସାନ କଂଜନୀ ରାସ୍ତା ତୁରନ୍ତ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ମଦ ସହ ବାଇକ୍ ଜବତ

ବଇଣ୍ଡା,୧୭।୯(ଡି.ଏନ.ଏ.)- ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ଥାନା ଧଉରପାଳ ଗ୍ରାମରେ ଚଢାଉ କରାଯାଇ ଶରତ ମିର୍ଦ୍ଧାଙ୍କଠାରୁ ୨୨୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ତାଙ୍କ ନିକଟରୁ ଏକ ବାଇକ୍ ଜବତ ହୋଇଛି। ସେ ବାଇକ୍ ଯୋଗେ ଦେଶୀ ମହୁଲି ମଦ ନେଇ ଗ୍ରାମାଞ୍ଚଳକୁ ଯାଉଥିବାବେଳେ ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତିଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିଲେ।

# ସରକାରଙ୍କ ମଦନୀତିକୁ ନିନ୍ଦା

ଅନୁଗୋଳ ଅଫିସ, ୧୭।୯

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ରାଜ୍ୟ କମିଟି ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ମଦନୀତି ବିରୋଧରେ ଏକ ରାଜ୍ୟସ୍ତରୀୟ ଅନ୍‌ଲାଇନ କନ୍‌ଭେନଶନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ ସରକାରଙ୍କ ମଦନୀତିକୁ ନିନ୍ଦା କରିଥିଲେ।

ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥମେଟିକ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି ରାଜସ୍ୱ ଆଦାୟ ଆଳରେ ସରକାର ହୀନ ଅଭିସନ୍ଧି ରଖି ମଦର ପ୍ରସାର କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହା ବିରୋଧରେ ଆନ୍ଦୋଳନ ଗଢିତୋଳିବା ଆବଶ୍ୟକ ବୋଲି ସେ କହିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସୁଲୋଚନା ପ୍ରଧାନ ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୀରେନ୍ଦ୍ର କୁମାର ନାୟକ ଯୋଗଦେଇ ମଦ ବିରୋଧୀ ଆନ୍ଦୋଳନକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ଜିଲାର ବ୍ୟକ୍ତିମାନେ ମଦ ବିରୋଧୀ ଆନ୍ଦୋଳନ ସପକ୍ଷରେ ମତ ପ୍ରଦାନ କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ରାଜ୍ୟରେ ମଦ ବିରୋଧରେ ଆନ୍ଦୋଳନ କରୁଥିବା ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନ ପକ୍ଷରୁ ମଦ ବିରୋଧରେ ଚାଲିଥିବା ଦସ୍ତଖତ ସଂଗ୍ରହ ଅଭିଯାନକୁ ବ୍ୟାପକ କରାଯିବା ସହ ଆଗାମୀ ୨୭ ତାରିଖରେ କୃଷି ଆଇନ ବାତିଲ ତଥା ଅନ୍ୟାନ୍ୟ ଦାବିରେ ଭାରତ ବନ୍ଦକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟା ବିଦ୍ୟୁତ ମହାନ୍ତି, ମାନସୀ ସ୍ୱାଇଁ ଏବଂ ବିଜୟଲକ୍ଷ୍ମୀ ପାତ୍ର ଧନ୍ୟବାଦ ଦେଇଥିଲେ।

# ମାରପିଟ୍, ୨ ଗିରଫ

ଛେଣ୍ଡିପଦା,୧୭।୯(ସ୍ୱ.ପ୍ର)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ପଞ୍ଚାୟତ ଷଣ୍ଢପାଳ ଗ୍ରାମରେ ୫୦୦ ଟଙ୍କାକୁ କେନ୍ଦ୍ର କରି ମାରପିଟ୍ ହୋଇଛି। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। କୋଶଳା ଗ୍ରାମର ପରମାନନ୍ଦ ବେହେରା ଓ ଷଣ୍ଢପାଳ ଗ୍ରାମର ତରୁଣ ସାହୁ ତାଳଚେର ଭରତପୁର ଅଞ୍ଚଳରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର କାମକୁ ଯିବାକୁ ତରୁଣଙ୍କୁ ଡାକିବା ପାଇଁ ପରମାନନ୍ଦ ଷଣ୍ଢପାଳ ଗ୍ରାମକୁ ଯାଇଥିଲେ। ଏହି ସମୟରେ ଗ୍ରାମର ସରୋଜ ଦେହୁରୀ ଓ ସୁବ୍ରତ ଦେହୁରୀ ମଦ ପିଇବା ପାଇଁ ପରମାନନ୍ଦଙ୍କୁ ୫୦୦ ଟଙ୍କା ମାଗିଥିଲେ। ପରମାନନ୍ଦ ଆପତ୍ତି କରିବାକୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସରୋଜ ଏବଂ ସୁବ୍ରତ ମିଶି ପରମାନନ୍ଦଙ୍କ ବାଇକ୍ ଭଙ୍ଗାରୁଜା କରିବା ସହିତ ମାଡ଼ ମାରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ୨୯ରେ ଲୋକକଳା ପ୍ରତିଯୋଗିତା

ଅନୁଗୋଳ ଅଫିସ, ୧୭।୯

ଓଡ଼ିଶାର ଲୋକକଳାକୁ ଅଧିକ ରଙ୍ଗିମନ୍ତ କରିବା ଓ ଲୋକକଳା ଦଳମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଲୋକକଳା ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ଏହି ପ୍ରତିଯୋଗିତାକୁ ଜିଲାସ୍ତରରେ ସୁଚାରୁରୂପେ ଆୟୋଜନ କରିବା ପାଇଁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲାସ୍ତରୀୟ ଲୋକକଳା ପ୍ରତିଯୋଗିତା ଆସନ୍ତା ୨୯ ତାରିଖରେ ପୌରପାଳିକା ଟାଉନ୍ ହଲ ଠାରେ ଆୟୋଜନ କରାଯିବ। ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏ ଓ ପୌରପାଳିକା, ଏନ୍‌ଏସିରୁ ଗୋଟିଏ ଲେଖାଏ ଲୋକନୃତ୍ୟ ଦଳ ଏଥିରେ ଅଂଶଗ୍ରହଣ କରିବେ। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତିମାନେ ଲୋକନୃତ୍ୟ ଦଳ ଚୟନ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଜରିଆରେ ଜିଲା ସଂସ୍କୃତି ଅଧିକାରୀଙ୍କୁ ଦଳର ନାମ, ଠିକଣା ଓ ଦଳର କଳାକାର ସଂଖ୍ୟା ଆସନ୍ତା ୨୦ ତାରିଖ ସୁଦ୍ଧା ପଠାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ସଂସ୍କୃତି ଅଧିକାରୀ ସରିତା ପ୍ରଧାନ, ଜିଲା ଗ୍ରନ୍ଥାଗାରିକ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସୁରେଶ କୁମାର ସାହୁ, କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ, ପାଲଲହଡା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଧ୍ରୁବ ଚରଣ ସାହୁ, ଆଠମଲ୍ଲିକ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଶ୍ରୀକାନ୍ତ ମାହାର, ଛେଣ୍ଡିପଦା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ହରମୋହନ ସାହୁ, ତାଳଚେର ବ୍ଲକ କଳା ସଂସ୍କୃତି ସଂଘ ପ୍ରତିନିଧୀ ସବିତା ସିଂ ଓ କିଶୋରନଗର ବ୍ଲକ କଳା ସଂସ୍କୃତି ସଂଘ ପ୍ରତିନିଧି ଜଗତ ମୋହନ ମିଶ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ବର୍ଷିଲେ ଜିଲାପାଳ, ତଦନ୍ତ ନିର୍ଦ୍ଦେଶ

**ଅଧ ରାତି ହେଲେ ଅସହାୟ ଘଟଣା**

ଅନୁଗୋଳ ଅଫିସ, ୧୭।୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯାଉନାହିଁ। ବିଶେଷକରି ରାତି ଅଧ ହେଲେ ଡ୍ୟୁଟିରେ ଥିବା କେତେଜଣ ନର୍ସ ଓ ଅନ୍ୟ ସହାୟକ କର୍ମଚାରୀମାନେ ଶୋଇପଡୁଥିବାରୁ ରୋଗୀମାନେ ଅସହାୟ ହୋଇପଡୁଛନ୍ତି। ମେଡିକାଲର କାଜୁଆଲଟି ଓ ଆଇସୋଲେଶନ ୱାର୍ଡରେ ଅଧିକ ଅବ୍ୟବସ୍ଥା ଦେଖାଦେଉଥିବା ନେଇ ଅଭିଯୋଗ ହେଉଛି। ଗତ ବୁଧବାର ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲାର ନୟା ବେହେରା ଅଣନିଃଶ୍ୱାସୀ ଅନୁଭବ କରୁଥିବା ସ୍ତ୍ରୀ ଲଳିତାଙ୍କୁ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଅତ୍ୟନ୍ତ ଅସହାୟ ଅବସ୍ଥାରେ ପଡ଼ିରହିବାକୁ ପଡ଼ିଥିଲା। ଶୋଇ ପଡ଼ିଥିବା ନର୍ସ ଓ ସହାୟକ କର୍ମଚାରୀଙ୍କୁ ଡାକିଥିଲେ ମଧ୍ୟ ସେମାନେ ଆସି ନ ଥିବା ଅଭିଯୋଗ ହୋଇଥିଲା। ହେଲ୍ପ ଡେସ୍କ କର୍ମଚାରୀ ମଧ୍ୟ ସେଠାରେ ନ ଥିଲେ। ଫଳରେ ଷ୍ଟ୍ରେଚର ଉପରେ ଲଳିତାଙ୍କୁ ଦୀର୍ଘସମୟ ଧରି ଛଟପଟ ହେବାକୁ ପଡ଼ିଥିଲା। ଏ ନେଇ ଶୁକ୍ରବାର 'ଧରିତ୍ରୀ'ରେ 'ଅଧ ରାତି ହେଲେ ଅସହାୟ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ଏଡିଏମ୍‌ଓ ମେଡିକାଲଙ୍କୁ ଦାୟିତ୍ୱ ଦେଇଛନ୍ତି। ଅନ୍ୟପକ୍ଷରେ ଅପରାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇଥିଲେ। ଏଭଳି ଅବ୍ୟବସ୍ଥା ନେଇ ଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷିଥିଲେ। ଏହି ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ କରିବାକୁ ତାଗିଦ କରିଥିଲେ।


ବୈଠକରେ ଜିଲାପାଳଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟମାନେ।

# ୭ ମାସ ପରେ ସୂର୍ଯ୍ୟାଲୋକ ଦେଖିଲେ ଭଗବାନ

■ମାନସିକ ବିକୃତି ଥିବାରୁ ଘର ଭିତରେ ଅଟକ ଥିଲେ
■ଉଦ୍ଧାର କଲେ ସରପଞ୍ଚ, ବର୍ଷକ ପାଇଁ ଦେବେ ଔଷଧ

କଣିହାଁ,୧୭।୯(ଡି.ଏନ.ଏ.)

ମାନସିକ ବିକୃତି ଥିବାରୁ କାମଧନ୍ଦା କରିପାରୁ ନ ଥିଲେ ଭଗବାନ ସାହୁ (୩୩)। ହେଲେ ଗାଁରେ ଖୋଲାଖୋଲି ବୁଲାବୁଲି କରିପାରୁଥିଲେ। ପଡ଼ୋଶୀମାନଙ୍କ ସହ ବସାଉଠା ହେଉଥିଲେ। କିନ୍ତୁ ହଠାତ୍ ଭଗବାନଙ୍କ ଦେଖାଦର୍ଶନ ପାଇଲେନି ପଡ଼ୋଶୀ। ମନରେ ସନ୍ଦେହ ହେବାରୁ ସେମାନେ ସରପଞ୍ଚଙ୍କୁ ଯୋଗାଯୋଗ କଲେ। ଆଉ ସରପଞ୍ଚଙ୍କ ସହାୟତାରେ ଭଗବାନଙ୍କୁ ଏକ ବନ୍ଦ କୋଠରିରୁ ଉଦ୍ଧାର କରାଯାଇଛି। ଫଳରେ ଦୀର୍ଘ ୭ ମାସ ପରେ ସୂର୍ଯ୍ୟାଲୋକ ଦେଖିଛନ୍ତି ଭଗବାନ। ସାମାନ୍ୟ ଚିକିତ୍ସା ପରେ ତାଙ୍କୁ ଏବେ ସମ୍ପର୍କୀୟଙ୍କ ଜିମା ଦିଆଯାଇଛି।

ମାନସିକ ଅସୁସ୍ଥ ଥିବା ଭଗବାନ ସାହୁଙ୍କ ଘର ଅନୁଗୋଳ ଜିଲା କଣିହାଁ ଥାନା ବଡ଼ଗୁଣ୍ଡୁରୀ ଗ୍ରାମରେ। ବାପା ବଞ୍ଚିଥିବା ବେଳେ ଭଗବାନଙ୍କ ଉପଯୁକ୍ତ ଚିକିତ୍ସା ଚାଲିଥିଲା। ବଡ଼ପୁଅଙ୍କ ରୋଜଗାର ନ ଥିବାରୁ ସାନପୁଅ ଭଗବାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ବାପାଙ୍କ ଉପରେ ନ୍ୟସ୍ତ ଥିଲା। ହେଲେ ବାପା ପରଲୋକର ଯାତ୍ରୀ ହେବା ପରେ ସାନପୁଅଙ୍କ ସୁସ୍ଥତା ପାଇଁ ପରିବାର ପକ୍ଷରୁ ଆଉ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ଅବିବାହିତ ଥିବା ଭଗବାନ ଗାଁରେ ଏଣେତେଣେ ବୁଲାବୁଲି କରୁଥିଲେ। କିନ୍ତୁ ଦୀର୍ଘ ୭ ମାସ ହେଲା ଗାଁ ଲୋକେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ପଚରାଉଚରା ବେଳେ ତାଙ୍କ ଭାଇଭାଉଜ ସନ୍ତୋଷଜନକ ଉତ୍ତର ଦେଉ ନ ଥିଲେ। ତେଣୁ ଏ ନେଇ ଗ୍ରାମବାସୀ ନାନା ଆଶଙ୍କାରେ ପଡ଼ିବା ସହ ସରପଞ୍ଚ ଲୋକନାଥ ସାହୁଙ୍କୁ ଜଣାଇଥିଲେ। ସରପଞ୍ଚ ସାହୁ ଗତ ବୁଧବାର ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦି ଏବଂ ଗ୍ରାମବାସୀଙ୍କୁ ନେଇ ଭଗବାନଙ୍କ ଘରକୁ ଯାଇ ଭାଇଭାଉଜଙ୍କୁ ପଚରାଉଚରା କରିଥିଲେ। ପରେ ସେମାନଙ୍କ ସୂଚନା ଆଧାରରେ ଏକ କୋଠରି ମଧ୍ୟରୁ ଭଗବାନଙ୍କୁ ଉଦ୍ଧାର କରି ସମ୍ପର୍କୀୟଙ୍କ ଜିମା ଦେଇଥିଲେ। ବର୍ଷକ ପର୍ଯ୍ୟନ୍ତ ଭଗବାନଙ୍କୁ ଔଷଧ ଯୋଗାଇ ଦେବାକୁ ସରପଞ୍ଚ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଗ୍ରାମରେ ଏକ ବୈଠକ କରାଯାଇ ଭଗବାନଙ୍କୁ କିପରି ଥଇଥାନ କରାଯିବ ସେ ନେଇ ଆଲୋଚନା କରାଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି। ତାଙ୍କ ଦାଦା ପୁଅ ଭାଇ ଚକ୍ରଧର ସାହୁ କହିଛନ୍ତି, ସାମାନ୍ୟ ଚିକିତ୍ସା ପରେ ଭଗବାନ ସୁସ୍ଥ ଅଛନ୍ତି। ଆବଶ୍ୟକ ଔଷଧ ମଗାଯାଇ ସାରିଛି।


ଉଦ୍ଧାର ହୋଇଥିବା ଭଗବାନ ସାହୁଙ୍କ ସହ ସରପଞ୍ଚ।

**ସଂକ୍ଷେପରେ**

## ନିର୍ଦ୍ଦେଶକୁ ବେଖାତିର ୨ ମାସ ପରେ ବି ହେଲାନି ଚୟନ ପ୍ରକ୍ରିୟା

ବନ୍ତ,୧୭।୯(ଡି.ଏନ.ଏ.)-ଭଦ୍ରକ ଜିଲା ଜୀବିକା ମିଶନ ନିର୍ଦ୍ଦେଶକୁ ୨ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ବନ୍ତ ବ୍ଲକ ଅଧୀନ ୫ପଞ୍ଚାୟତରେ ଏମ୍‌ବିକେ(ଦକ୍ଷ ନଥିପତ୍ର ପରିଚାଳିକା) ଓ ସିଆର୍‌ପି (ଗୋଷ୍ଠୀ ସହାୟିକା) ପଦବୀ ପାଇଁ ଚୟନ ପ୍ରକ୍ରିୟା ହୋଇପାରି ନାହିଁ। ପ୍ରକାଶ ଯେ, ୫ ପଞ୍ଚାୟତରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ଚୟନରେ ଅନିୟମିତତା ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଗତ ଜୁଲାଇ ୨ରେ ଜିଲା ଜୀବିକା ମିଶନ ନିର୍ଦ୍ଦେଶକ ତଥା ପିଡି ଡିଆର୍‌ଡିଏ ଚିଠି ନଂ.୧୫୫/ଓଏଲ୍‌ଏମ୍(ଓଡ଼ିଶା ଜୀବିକା ମିଶନ)ରେ ବନ୍ତ ବିଡିଓଙ୍କୁ କେନ୍ଦୁଆପଦା ପଞ୍ଚାୟତର ଗୋହିରାପଦୀ, କଣଗଡିଆର ସିଆର୍‌ପି, ରାମଚନ୍ଦ୍ରପୁରର ବ୍ୟାଙ୍କମିତ୍ର, ଛୟାଳସିଂର ଏମ୍‌ବିକେ ଓ ସମସ୍ତ ସିଆର୍‌ପି, ଚାରିଗାଁର ଏମ୍‌ବିକେ, ଅଣିଜୋର ଏମ୍‌ବିକେ ଓ ସମସ୍ତ ସିଆର୍‌ପି, ଗଣିଜାଙ୍ଗର ଏମ୍‌ବିକେ ଓ ସମସ୍ତ ସିଆର୍‌ପି ମନୋନୟନ ପ୍ରକ୍ରିୟା ବାତିଲ୍ କରାଯାଇଥିବା ଅବଗତ କରାଇଥିଲେ। ଏ ସମସ୍ତ ପଦବୀ ପାଇଁ ଜୁଲାଇ ଶେଷ ସୁଦ୍ଧା ୨ୟ ଓ ୩ୟ ପର୍ଯ୍ୟାୟ ପୁନଃ ମନୋନୟନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ହୋଇଥିଲା। ପରେ ଡିଆର୍‌ଡିଏ (ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା)ର ୩ ଜଣିଆ ଟିମ୍ ତଦନ୍ତ କରି ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ଅଦ୍ୟାବଧି କୌଣସି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ବ୍ଲକ ପ୍ରକଳ୍ପ ପରିଚାଳକ ଚିରଞ୍ଜୀବ ଦାସଙ୍କୁ ପଚାରିବାରୁ କହିଛନ୍ତି, ମନୋନୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ୪ପଞ୍ଚାୟତର ପୂର୍ବରୁ ମନୋନୀତ ପ୍ରାର୍ଥୀ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିବାରୁ ବିଳମ୍ବ ଘଟିଛି। ଓ ସମର୍ଥକ ବିକ୍ଷୋଭରେ ସାମିଲ ଥିଲେ।

## ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

**ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର**

ରୂପସା, ୧୭।୯(ଡି.ଏନ.ଏ. ) ବାଲେଶ୍ୱର ଜିଲା ରୂପସା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଓ ପରେ ଯୁବତୀଙ୍କ ଅଶ୍ଳୀଳ ଭିଡିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ମାମଲାରେ ଥାନାଧିକାରୀ କମଳାକାନ୍ତ ଦାସ ଗୁରୁବାର ରାତିରେ ଚଢ଼ାଉ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବୁଧଖଣ୍ଡି ଗ୍ରାମର ରାଜେଶ କୁମାର ନାୟକ।ରାଜେଶ ଚେନ୍ନାଇସ୍ଥିତ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ସେ ଯୁବତୀଙ୍କୁ ବିବାହ ଆଳ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଅଜାଣତରେ ଅଭିଯୁକ୍ତ ଜଣକ ମୋବାଇଲରେ ଉଲଗ୍ନ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ଗତ ଜୁନ ୧୫ରେ ଦଫା ୪୫୨, ୩୫୪( ଏ), ୩୭୬, ୫୦୬ ଆଇପିସି ଓ ସେକ୍ସନ ୬୬(ଇ),୬୭(ଏ)ଆଇଟି ଆକ୍ଟରେ ଏକ ମାମଲା (ନଂ.୬୯/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଘରକୁ ଆସିଥିବା ଖବର ପାଇ ପୋଲିସ ଅଧରାତିରେ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଥିଲା। ଶୁକ୍ରବାର ଡାକ୍ତରୀମାଇନା କରାଯାଇ ଗିରଫ ରାଜେଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ନୂଆଁଖାଇ ଭେଟ୍‌ଘାଟ୍ ମହୋତ୍ସବ

ଢେଙ୍କାନାଳ ଅଫିସ, ୧୭।୯

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଏବଂ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର ପରିସରରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ପ୍ରମୋଦ କୁମାର ଦଳବେହେରା ଯୋଗଦେଇ କହିଲେ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭାଇଚାରାର ଅନନ୍ୟ ପରମ୍ପରା। ସାଂସ୍କୃତିକ ଜୀବନକୁ ସରସ ଓ ସୁନ୍ଦର କରିବାରେ ଏହାର ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଆର୍ଯ୍ୟରତ୍ନ ଚକ୍ରଧର ସାହୁ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ମନୋରଞ୍ଜନ ନନ୍ଦ, ଇନ୍ଦ୍ରମଣି ନାୟକ, ବସନ୍ତ ପଟ୍ଟନାୟକ, ପରେଶ ଚନ୍ଦ୍ର ପଟ୍ଟନାୟକ, କାଳିନ୍ଦୀ ଚରଣ ବେହେରା, ଶତ୍ରୁଘ୍ନ ମାଟି, ଯାମିନୀ ରଞ୍ଜନ ଦାସ, ପ୍ରଦ୍ୟୁମ୍ନ ରଥ, ଅଥୟ ସାହୁ ପ୍ରମୁଖ ଉପସ୍ଥିତ ରହି ନୂଆଁଖାଇର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହିଅବସରରେ 'ଶିବାୟ ଡ୍ୟାନ୍ସ ଗ୍ରୁପ୍' ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ ମହୋତ୍ସବ ପାଳନ ଅବସରରେ ଅତିଥିଙ୍କ ସମେତ କଳାକାରମାନେ।

## ଦିନକ ପରେ ଷ୍ଟ୍ରିଟ୍ ଲାଇଟ ଅଚଳ

ବଇଣ୍ଡା,୧୭।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତରେ ସରକାରଙ୍କ ଆଲୋକୀକରଣ ଯୋଜନାରେ ଅବହେଳା ଦେଖିବାକୁ ମିଳିଛି। ପେଡିପଥର ଗ୍ରାମରେ ଷ୍ଟ୍ରିଟ ଲାଇଟ ଲାଗିଥିଲେ ମଧ୍ୟ ତାହା ଜଳୁ ନାହିଁ। ଏ ନେଇ ଗ୍ରାମବାସୀ ଗୁରୁବାର ଆଠମଲ୍ଲିକ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ପାଣ୍ଠିରୁ ଗ୍ରାମରେ ୧୦ଟି ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ଗୋଟିଏ ଦିନ ଏହା ଜଳିବା ପରେ ୬ ତାରିଖରୁ ସବୁ ଲାଇଟ ଅଚଳ ହୋଇପଡିଛି। ବିଦ୍ୟୁତ୍ ସଂଯୋଗ ଥିଲେ ମଧ୍ୟ ଲାଇଟଗୁଡିକ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଷ୍ଟ୍ରିଟ୍ ଲାଇଟ ଗୁଡିକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି କରାଯାଇଛି। ଏ ନେଇ ପେଡିପଥର ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ବେହେରା କୁହନ୍ତି, ଷ୍ଟ୍ରିଟ୍ ଲାଇଟ ଗୁଡିକ ଲଗାଇବା ପରେ ଗୋଟିଏ ଦିନ ଜଳିଥିଲା। ପରେ ସମସ୍ତ ଲାଇଟ ଅଚଳ ହୋଇପଡିଛି। ଏ ନେଇ ପଞ୍ଚାୟତ ପକ୍ଷରୁ ଚିଠି ମାଧ୍ୟମରେ ପ୍ରଶାସନକୁ ଅବଗତ କରାଯାଇଛି।



## ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୧୭।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମରେ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ମୂର୍ତ୍ତି ନିର୍ମାଣ ନିମନ୍ତେ ଶୁକ୍ରବାର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଗ୍ରାମର ଏକ ସ୍ଥାନରୁ ମାଟିକୁ ଯଥାରୀତିରେ ପୂଜା କରାଯିବା ପରେ ମାଟି ସଂଗ୍ରହ କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୂର୍ତ୍ତିର ଉଚ୍ଚତା କରାଯିବା ସହ ସମସ୍ତ କଟକଣାରେ ପୂଜା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସଞ୍ଜୟ ପ୍ରଧାନ, ସନ୍ତୋଷ ସାହୁ, ବସନ୍ତ ସାହୁ, ମନୋଜ ସାହୁ, ବିଶେଶ୍ୱର ରାଉତ, ବାବୁ ସେନାପତି, ବିଦେଶୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

## ଓଜନସ୍ତର ସୁରକ୍ଷା କବଚ

ଅନୁଗୋଳ ଅଫିସ, ୧୭।୯

ଅନ୍ତର୍ଜାତୀୟ ଓଜନସ୍ତର ସଂରକ୍ଷଣ ଦିବସ ପାଳନ ଅବସରରେ ପ୍ରକୃତି ପରିବେଶ ଓ ବନ୍ୟପ୍ରାଣୀ ସମିତି ପକ୍ଷରୁ ଜରଡା ହାଇସ୍କୁଲଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବ ପରିବେଶପ୍ରେମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ଓଜନସ୍ତର ଜୀବଜଗତର ରକ୍ଷା କବଚ ବୋଲି କହିଥିଲେ। ଓଜନସ୍ତରର କ୍ଷୟର କାରଣ ଏବଂ ନିରାକରଣର ଉପରେ ଆଲୋକପାତ କରିଥିଲେ। ଖବରଦାତା ସୁନୀଲ ଦଳବେହେରା, ସହକାରୀ ଶିକ୍ଷକ ତରଣିସେନ ସାହୁ, ମଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ପରିବେଶ ପ୍ରତିଅଧିକ ସଚେତନ ହେବା ସହ ଅଦରକାରୀ ବର୍ଜ୍ୟ ପରିତ୍ୟାଗ ଏବଂ ପୁନଃ ଚକ୍ରଣ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷକ ମନୋଜ ସାହୁ, ସମିତି ସଂଯୋଜକ ଯଶୋବନ୍ତ ସାହୁ, ସହକାରୀ ଶିକ୍ଷକ ସୁବ୍ରତ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ'



କରୋନା ଯୋଦ୍ଧା ସମ୍ମାନ କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ,୧୭।୯

ଢେଙ୍କାନାଳ ବାହୁଡା ଯାତ୍ରା ଭଜନ ସମାରୋହ କମିଟି ପକ୍ଷରୁ ଡ. ବିଧାନ ମିଶ୍ର ସ୍ମୃତି ସଂସଦର ସହଯୋଗରେ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ଶୁକ୍ରବାର ସନ୍ଧ୍ୟାରେ କରୋନା ଯୋଦ୍ଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କହିଲେ, ଢେଙ୍କାନାଳର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ସବୁକ୍ଷେତ୍ରରେ ଜିଲାକୁ ୧ ନଂ. କରିବା ପଇଁ ପ୍ରୟାସ ଜାରି ରହିବ। ମୁଖ୍ୟବକ୍ତା ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ଯେଉଁ ଅଞ୍ଚଳର କଳା ସଂସ୍କୃତି ସମୃଦ୍ଧ ସେହି ଅଞ୍ଚଳ ଅଧିକ ସମୃଦ୍ଧଶାଳୀ। କରୋନା କଟକଣା ହଟିଲେ ଆଗାମୀ ଦିନରେ ଢେଙ୍କାନାଳ ମହୋତ୍ସବ ପାଇଁ ଉଦ୍ୟମ କରାଯିବ। ସମ୍ମାନିତ ଅତିଥି ଭାବେ ଆଇଏଏସ୍ ପ୍ରୋବେସନର ବିଭୂତି ଭୂଷଣ ନାୟକ, ପୌରନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶଶିମୌଳି ରଥ, ଉପଦେଷ୍ଟା ସୁକାନ୍ତ ମିଶ୍ର, ଡ. ବିଧାନ ମିଶ୍ର ସ୍ମୃତି ସଂସଦର ମୁଖ୍ୟ ଦେବାଶିଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କରୋନା ଯୋଦ୍ଧା, ଭଜନ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରା, ସତ୍ୟସ୍ୱରୂପ ଦାସ ସ୍ୱାଗତ, ଅଥୟ କୁମାର ସାହୁ, ନୃସିଂହ ବେହେରା, ବାବୁଲି ଦାସ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ଅରବିନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ

ବଇଣ୍ଡା,୧୭।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ଅଞ୍ଚଳରେ ଗୁରୁବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୩ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ପ୍ରଥମେ ଶୁଭଶ୍ରୀ ଦୀପ୍ତିମୟ ମିଶ୍ର ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଘରେ ଥିବାବେଳେ ତାଙ୍କ ପଡୋଶୀ ପ୍ରଫୁଲ୍ଲ ବେହେରା, ମନ୍ଦେଇ ବେହେରା, ମାନସୀ ବେହେରା ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୨୩/୨୧ ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ସେହି ଅଞ୍ଚଳର ତପନ ଦାସ ପ୍ରଫୁଲ୍ଲ ବେହେରାଙ୍କ ନାମରେ ଏକ ଅଭିଯୋଗ କରିଛନ୍ତି। ସେ ଘରକୁ ଯାଉଥିବାବେଳେ ପ୍ରଫୁଲ୍ଲ ତାଙ୍କୁ କୌଣସି କାରଣ ନ ଥାଇ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୨୨୪/୨୧ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷରେ ମନ୍ଦେଇ ବେହେରା ଏକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, କିଛିଦିନ ହେବ ସିପୁନ ଦାସଙ୍କ ଘର ମଇଳା ପାଣିର ଦୁର୍ଗନ୍ଧକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ସେ ଓ ତାଙ୍କ ଝିଅ ଘରେ ଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ସିପୁନ ଓ ତାଙ୍କ ଭାଇ ତପନ ଦାସ, ସହଯୋଗୀ ବିଷ୍ଣୁ ପ୍ରଧାନ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୨୨୫ /୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଡ୍ରାଇଭର ମହାସଂଘର ସମାବେଶ

ଛେଣ୍ଡିପଦା,୧୭।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ପରଙ୍ଗ ଗ୍ରାମସ୍ଥିତ ପିତାବଳୀ ଠାକୁରାଣୀଙ୍କ ପୀଠରେ ପରଙ୍ଗ ପଞ୍ଚାୟତ ଡ୍ରାଇଭର ମହାସଂଘର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସହଯୋଗୀ କୀର୍ତ୍ତନ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଚାଳକ ଉପସ୍ଥିତ ରହି ସଂଘର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଗାଡ଼ିଚାଳନା ସମୟରେ ମଦ୍ୟପାନ ନ କରିବା, ଅସହାୟ ଜନସାଧାରଣଙ୍କୁ ସାହାଯ୍ୟ କରିବା ଆଦି ଉପରେ ଡ୍ରାଇଭରଙ୍କୁ ଅବଗତ କରାଯାଇଥିଲା। ଚାଳକ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ପ୍ରଦାନ ଲାଗି ୧୦ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବ୍ଲକସ୍ତରୀୟ ସମାବେଶକୁ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଂଘର ପଞ୍ଚାୟତ ସଭାପତି ନୀଳମଣି ବେହେରା, ସମ୍ପାଦକ ବିନୋଦ କର୍ଣ୍ଣ, କୋଷାଧ୍ୟକ୍ଷ ଟିକନ ବେହେରା ୫୦ରୁ ଉର୍ଦ୍ଧ୍ୱ ଚାଳକ ଯୋଗ ଦେଇଥିଲେ।

## ୯୮୭ ହେକ୍ଟର ଚାଷଜମି ଜଳମଗ୍ନ

ବାରିପଦା ଅଫିସ,୧୭।୯

ମୟୂରଭଞ୍ଜ ଜିଲାର ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ବନ୍ୟା ଜଳ ତଳିଆ ଅଞ୍ଚଳରେ ପ୍ରବେଶ କରି ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଜିଲା କୃଷି ବିଭାଗର ପ୍ରାରମ୍ଭିକ ସୂଚନା ଅନୁଯାୟୀ ୮୭୨ହେକ୍ଟର ଧାନ ଓ ୧୧୫ ହେକ୍ଟର ଅଣଧାନ ଚାଷ ଜମିକୁ ମିଶାଇ ମୋଟ ୯୮୭ହେକ୍ଟର ଜମି ଜଳମଗ୍ନ ହୋଇଛି। ସେଥି ମଧ୍ୟରୁ ୧୧୩.୪ ହେକ୍ଟର ଜମିରେ ଅଣଧାନ ନଷ୍ଟ ହେବାକୁ ବସିଥିବା ବେଳେ ୩୧.୪ହେକ୍ଟର ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜିଲାର ଶାମାଖୁଣ୍ଟା, ବେତନଟୀ, ବଡ଼ସାହି, ରାସଗୋବିନ୍ଦପୁର ଓ ଯଶିପୁର ଆଦି ବ୍ଲକର ୧୯ଟି ପଞ୍ଚାୟତରେ ଥିବା ୭୦ଟି ଗ୍ରାମର ଧାନ, ମକା, ତୈଳବୀଜ ଶସ୍ୟ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ସେହିପରି ସର୍ବାଧିକ କ୍ଷୟକ୍ଷତି ହୋଇଥିବା ବେତନଟୀ ବ୍ଲକ ଅନ୍ତର୍ଗତ ୪ଟି ପଞ୍ଚାୟତର ୨୧ଟି ଗ୍ରାମରେ ୪୮୦ହେକ୍ଟର ଧାନ ଓ ୪୦ହେକ୍ଟର ପନିପରିବା, ବଡ଼ସାହି ବ୍ଲକର ୮ଟି ପଞ୍ଚାୟତର ୩୪ଟି ଗ୍ରାମର ୩୦୨ହେକ୍ଟର ଧାନ ଓ ୪୦ହେକ୍ଟର ପନିପରିବା, ଶାମାଖୁଣ୍ଟା ବ୍ଲକ ଅଧୀନ ୨ଟି ପଞ୍ଚାୟତର ୭ଟି ଗ୍ରାମର ୫୭ ହେକ୍ଟର ଧାନ, ରାସଗୋବିନ୍ଦପୁର ବ୍ଲକର ୨ଟି ପଞ୍ଚାୟତ ଅନ୍ତର୍ଗତ ୪ଟି ଗ୍ରାମର ୩୩ହେକ୍ଟର ଧାନ ଓ ଯଶିପୁର ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତର ୪ଟି ଗ୍ରାମର ୨୦ହେକ୍ଟର ଜମିରେ ମକା ଚାଷ କ୍ଷୟକ୍ଷତି ହୋଇଥିବା ନେଇ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ତେବେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କୃଷି ବିଭାଗ ସୂଚନା ଦେଇଛି।

## ବ୍ଲେଡ୍‌ରେ କଟାଯାଉଛି ଚୁଟି

**ଏବେ ବି ରହିଛି ପୁରୁଣା ପରମ୍ପରା**

କେନ୍ଦୁଝର,୧୭।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତର ପେଚାଦାର ସାହିରେ ଏବେ ମଧ୍ୟ ସେଲୁନ ନ ଯାଇ ଲୋକେ ପୁରୁଣା ପଦ୍ଧତିରେ ଚୁଟି କାଟିବା ସହ ଦାଢି ଖିଅର ହେଉଛନ୍ତି। ଦୋକାନ ବଦଳରେ ରାସ୍ତା କଡ଼ ବା ହାଟରେ ଖୋଲା ଆକାଶ ତଳେ ଚୁଟି କାଟୁଛନ୍ତି। କେବଳ ବ୍ଲେଡ୍‌ରେ ରାମ୍ପି ଚୁଟି କାଟିବା ସହ ଦାଢି ଖିଅର ହେଉଛନ୍ତି। ଯଦିଓ ଏହା ବିପଦପୂର୍ଣ୍ଣ ତେବେ ସେମାନେ ଏହାକୁ ନିପୁଣ ଭାବରେ କାଟୁଥିବାରୁ କ୍ଷତ ହେଉନାହିଁ ବୋଲି କୁହନ୍ତି ।



ବ୍ଲେଡ୍‌ରେ ଚୁଟି କଟାଯାଉଛି।

## ଜେଏସ୍‌ପିଏଲ୍‌ରେ ବିଶ୍ୱକର୍ମା ପୂଜା

ଅନୁଗୋଳ ଅଫିସ, ୧୭।୯

ଅନୁଗୋଳ ଜିଲାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ)ରେ ଶୁକ୍ରବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। କମ୍ପାନୀ ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ସହ ପ୍ଲାଣ୍ଟ ପରିସରରେ ଏହା ଆୟୋଜିତ ହୋଇଥିଲା। ଏଥିସହ ଜିନ୍ଦଲ ନଗରରେ ଥିବା ଦେବଭୂମିରେ ମଧ୍ୟ ପୂଜା ଆୟୋଜନ କରାଯାଇଥିଲା। ଏହି ପୂଜାରେ ଜେଏସ୍‌ପିଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସବ୍ୟସାଚି ବନ୍ଦୋପାଧ୍ୟାୟ, ସିଏଚ୍‌ଆରଓ ପଙ୍କଜ ଲୋଚନ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର କର୍ମଚାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବିଶ୍ୱକର୍ମା ପୂଜା ଅବସରରେ ଜେଏସ୍‌ପିଏଲ୍ ଅଧିକାରୀମାନେ।

## ସଂଗ୍ରାମୀଙ୍କୁ ପ୍ରେରଣା ଦେଇଥିଲା ବିପ୍ଳବାତ୍ମକ କବିତା

ସିମୁଳିଆ, ୧୭।୯(ଡି.ଏନ.ଏ.)

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଓଡିଆ ଭାଷା ସାହିତ୍ୟ ତଥା ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ସିମୁଳିଆ ବ୍ଲକର ଡାକବଙ୍ଗଳା ପରିସରରେ 'ସ୍ୱାଧୀନତାର ଅମୃତ ମହୋତ୍ସବ' ଅନୁଷ୍ଠିତ ହୋଇଥିଲା। ସିମୁଳିଆ କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ନାରାୟଣ ଚନ୍ଦ୍ର ଦାସ ମଞ୍ଚ ସଂଯୋଜନା କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ଓଡିଆ କବିମାନଙ୍କ ବିପ୍ଳବାତ୍ମକ କବିତା ସଂଗ୍ରାମୀମାନଙ୍କୁ ପ୍ରେରଣା ଯୋଗାଇଥିଲା ବୋଲି କହିଥିଲେ। ୨୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଭିନ୍ନ କବିଙ୍କ ମଧ୍ୟରେ ସଂଯୁକ୍ତା ପତି, କଳ୍ପନା ପାଢୀ, ଗାୟତ୍ରୀ ଦାଶ, ସୂର୍ଯ୍ୟମଣୀ ବୋଇତି, ଧୀରେନ୍ଦ୍ର କୁମାର ବଳ, ପୂର୍ଣ୍ଣଚନ୍ଦ୍ର ମହାଲିକ, ବନମାଳୀ ନାୟକ ଓ ପଦ୍ମଲୋଚନ ଦାଶ ପ୍ରମୁଖ ଥିଲେ ।

## ବିନା ଖର୍ଚ୍ଚରେ ଆଇନଗତ ପରାମର୍ଶ ଉପଲବ୍ଧ



ସଚେତନତା ଶିବିରରେ ଉପସ୍ଥିତ ବିଚାରବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଛେଣ୍ଡିପଦା,୧୭।୯(ସ୍ୱ.ପ୍ର.)

ଛେଣ୍ଡିପଦା ପଞ୍ଚାୟତ ସଭାଗୃହଠାରେ ଶୁକ୍ରବାର ତାଲୁକ ଆଇନ ସେବା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ତନ୍ମୟୀ ରଥ, ଛେଣ୍ଡିପଦା ଥାନାଧିକାରୀ ଧୀରେନ କୁମାର ବେହେରା, ଓକିଲ ସଂଘ ସଭାପତି ନଗେନ ନନ୍ଦ, ସମ୍ପାଦକ ଗୋପବନ୍ଧୁ ସାହୁ, ଆଇନଜୀବୀ ରାଜକିଶୋର ବେହେରା, ସରପଞ୍ଚ ସରୋଜିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଇନସେବା କମିଟି ଜରିଆରେ ମାଗଣା ଆଇନ ସେବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଓକିଲ ଯୋଗାଇ ଦେବା ସହିତ ମକଦ୍ଦମା ଦାଏରଠାରୁ ମକଦ୍ଦମା ପରିଚାଳନା ଏବଂ ଅନ୍ତିମ ଫଏସଲା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ବିନା ଖର୍ଚ୍ଚରେ ଆଇନଗତ ପରାମର୍ଶ ଉପଲବ୍ଧ କରାଇବା ଏହି ଆଇନସେବାର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ଖନ୍ତାପଡା ଭାଜପାର ବୈଠକ

ବାହାନଗା, ୧୭।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତର ଭାଜପା ତରଫରୁ ଏକ ବୈଠକ ଖନ୍ତାପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜୀବ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଦାଣ୍ଡକାଳୀ ମଣ୍ଡଳ ସଭାପତି ଦିଲୀପ କୁମାର ଦାସ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ରମାକାନ୍ତ ବାରିକ ଯୋଗ ଦେଇଥିଲେ ।

